## ହତ୍ୟା ଘଟଣାରେ ଫେରାର୍ ଅଭିଯୁକ୍ତ ଗିରଫ



**ବୋରିଗୁମ୍ମା,୧୫।୧(ସମିସ):** ବୋରିଗୁମ୍ମା ବ୍ଲକ ବି. ସିଂହପୁର ଥାନା ଅଧୀନ ଡୁଟିଗୁଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ଘଟଣାରେ ଫେରାର୍ ଥିବା ହତ୍ୟାକାରୀ ଅଭିଯୁକ୍ତକୁ ପୁଲିସ ସୋମବାର ଗିରଫ କରିଛି। ଅଭିଯୁକ୍ତ ଡୁଟିଗୁଡ଼ା ଗ୍ରାମର ପୂର୍ଣ୍ଣ ନାୟକ ବୋଲି ଜଣାପଡ଼ିଛି। ଦୀର୍ଘ ପାଞ୍ଚ ଦିନ ଧରି ଅଭିଯୁକ୍ତ ପୂର୍ଣ୍ଣ ନାୟକ ଫେରାର୍ ଥିଲା। ସୋମବାର ଅଭିଯୁକ୍ତ ପୂର୍ଣ୍ଣ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବି. ସିଂହପୁର ପୁଲିସ।

ପୁଲିସ ସୂଚନା ମୁତାବକ, ଗତ ୧୦ ତାରିଖ ସକାଳେ ଡୁଟିଗୁଡ଼ା ଗ୍ରାମର ପୂର୍ଣ୍ଣ ନାୟକ ସେହି ଗ୍ରାମର ପୂର୍ଣ୍ଣ ପେଣ୍ଟିଆଙ୍କୁ ପୂର୍ବ ଶତ୍ରୁତା କାରଣରୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲା। ପୂର୍ଣ୍ଣ ପେଣ୍ଟିଆଙ୍କ ପରିବାର ଲୋକ ଏନେଇ ବି. ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡ ପରଠାରୁ ହତ୍ୟାକାରୀ ପୂର୍ଣ୍ଣ ନାୟକ ଫେରାର୍ ଥିବାବେଳେ ବି. ସିଂହପୁର ପୁଲିସ ହତ୍ୟାକାରୀକୁ ଧରିବାରେ ସଫଳ ହୋଇଛି। ବି. ସିଂହପୁର ଥାନାରେ ଏକ ମାମଲା ରୁଜୁ ସହ ସୋମବାର ଅଭିଯୁକ୍ତ ପୂର୍ଣ୍ଣ ନାୟକକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସମ୍ବିତ ସ୍ୱାଇଁ ସୂଚନା ଦେଇଛନ୍ତି।

### ଶାବର ଶ୍ରୀକ୍ଷେତ୍ରରେ ମକର ସଂକ୍ରାନ୍ତି ଉତ୍ସବ

# ଚତୁର୍ଦ୍ଧାମୂର୍ତ୍ତିଙ୍କ ରାଜରାଜେଶ୍ୱର ବେଶ ଦର୍ଶନ ପାଇଁ ଭିଡ଼

**କୋରାପୁଟ,୧୫।୧(ସମିସ):** ଶାବର ଶ୍ରୀକ୍ଷେତ୍ରରେ ମକର ସଂକ୍ରାନ୍ତି ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ସୂର୍ଯ୍ୟୋଦୟ ପୂର୍ବରୁ ମନ୍ଦିରର ସବୁ ନୀତି ଯଥା ଦ୍ୱାରଫିଟା, ମଙ୍ଗଳ ଆଳତି, ବେଶ, ବାଳଭୋଗ ପରେ ଆଳତି ଏବଂ ତିନି ଠାକୁରଙ୍କ ରାଜରାଜେଶ୍ୱର ବେଶ କରାଯାଇଥିଲା। ଏହି ଦୁର୍ଲଭ ବେଶ ଦେଖିବା ପାଇଁ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ପରମ୍ପରା ମୁତାବକ ସୋମବାର ମକର ସଂକ୍ରାନ୍ତି ଅବସରରେ ମକର ଚାଉଳ ନୈବେଦ୍ୟ ଭୋଗ ଲାଗି କରାଯାଇଛି। ଅରୁଆ ଚାଉଳ, ଛେନା, ସର, ଖୁଆ, କଦଳୀ, ସେଓ, ଅଙ୍ଗୁର ଆଦିରେ ପ୍ରସ୍ତୁତ ମକର ଚାଉଳ ମହାପ୍ରଭୁଙ୍କୁ ଭୋଗ ଲାଗି କରାଯାଇଛି। ସୂର୍ଯ୍ୟୋଦୟ ପୂର୍ବରୁ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିବାବେଳେ ପରିବେଶ ଆନନ୍ଦଦାୟକ ଥିଲା। ଏହାଛଡ଼ା କୋରାପୁଟରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟ ଏହି ଉତ୍ସବକୁ ଧୁମଧାମରେ ପାଳନ କରିଛନ୍ତି। ରବିବାର ବିଳମ୍ବିତ ରାତିରୁ ସହରର ସାହି ଓ ଗଳିକନ୍ଦିରେ ଭୋଗି ନିଆଁ ଜାଳିବା ସହ ନାଚଗୀତରେ ମସଗୁଲ ହୋଇଛନ୍ତି ଲୋକେ। ଡିଜେ ଗୀତର ତାଳେ ତାଳେ ସମସ୍ତେ ନାଚି ଉଠିଥିଲେ। ଭୋଗି ଓ ମକର ସଂକ୍ରାନ୍ତି ପାଳନ ପାଇଁ ବାହାରେ ରହୁଥିବା ତେଲୁଗୁ ସମ୍ପ୍ରଦାୟର ଲୋକେ ନିଜ ଘରକୁ ଆସି ବେଶ୍ ମଜା ଉଠାଉଛନ୍ତି। ମକର ସଂକ୍ରାନ୍ତିକୁ ତେଲୁଗୁ ନୂଆବର୍ଷ ଭାବେ ପରିଗଣିତ କରାଯାଉଥିବାରୁ ଭୋଗି ଦିନ ପୁରୁଣାବର୍ଷକୁ ବିଦାୟ ଦେଇଥିଲେ। ଏହାସହ ତେଲୁଗୁ ସମ୍ପ୍ରଦାୟର ଲୋକେ ଭୋଗି ନିଆଁରେ ସମସ୍ତ ରାଗରୁଷା ପାଉଁଶ କରି ନୂଆ ସଙ୍କଳ୍ପ ଓ ନୂଆ ଆଶା ନେଇ ନୂଆ ବସ୍ତ୍ର ପରିଧାନ ପୂର୍ବକ ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି।



## ମକର ସଂକ୍ରାନ୍ତିରେ ପ୍ରସାଦ ବିତରଣ

**ଉମରକୋଟ,୧୫।୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟର ଗୁଲିପାଟଣା ସ୍ଥିତ ବରଗଛ ପ୍ରାଙ୍ଗଣଠାରେ ଆୟାପ୍ପା ସ୍ୱାମୀମାନଙ୍କ ଦ୍ୱାରା ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଆଇନଜୀବୀ ଜୟଦେବ ପରିଡ଼ା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଜୟୀ ସ୍ୱାମୀ, ସୁବାସ ସାହୁ, ସନ୍ତୋଷ ପଣ୍ଡାଙ୍କ ସହ ସତ୍ୟ ସାମଲ, ଗୋପାଳ, ଟିଟି, ସୁରେଶ, କୁଲୁ, ଲିଟୁ, ଗିରିଧାରୀ ସ୍ୱାମୀ, ଜଗା ସ୍ୱାମୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରସାଦ ବିତରଣ କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ।



## ଶ୍ରୀଜଗନ୍ନାଥ ମନ୍ଦିରରେ ମକର ବେଢ଼ା ନୀତି



**ନବରଙ୍ଗପୁର,୧୫।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ନବରଙ୍ଗପୁର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ନୀତି ସହିତ ମକରବେଢ଼ା ନୀତି ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ଭୋର୍ ୫ଟାରୁ ମନ୍ଦିର ପହଡ଼ ଖୋଲାଯାଇ ପ୍ରଥମେ ଭିତର ନୀତିକାନ୍ତି ସରିବା ପରେ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟପୂଜା, ମଙ୍ଗଳ ଆଳତୀ ସରିବା ପରେ ଆରମ୍ଭ ହୋଇଥିଲା ଶ୍ରୀଜୀଉଙ୍କ ମକର ଚାଉଳ ପୂଜା ନୀତିକାନ୍ତି। ଏହାପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦିନ ୧୦ଟା ପରଠାରୁ ଶ୍ରୀଜୀଉଙ୍କ ମକର ସଂକ୍ରାନ୍ତି ଓ ମକର ବେଢ଼ା ପୂଜା ନୀତିକାନ୍ତି ଆରମ୍ଭ ହୋଇଥିଲା। ପୂଜା ସମ୍ପନ୍ନ ପରେ ଉପସ୍ଥିତ ସମସ୍ତ ଭକ୍ତଙ୍କୁ ମକର ଚାଉଳ ଓ ପଣା ବଣ୍ଟାଯାଇଥିଲା। ନବରଙ୍ଗପୁର ରାଜପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମକରବେଢ଼ା ନୀତିରେ ମନ୍ଦିର ପୂଜକ ଦେବୀ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ଶତପଥୀ, ଶୁଭମ୍ ନାୟକ, ରାଜେନ୍ଦ୍ର ତ୍ରିପାଠୀଙ୍କ ସମେତ ମନ୍ଦିରର ନିଯୋଗ ଓ କମିଟିର ସମସ୍ତ ସଦସ୍ୟ ଏବଂ ବହୁ ଭକ୍ତ ଯୋଗଦେଇଥିଲେ।

## ମକର ସଂକ୍ରାନ୍ତି ଓ ପୋଙ୍ଗଲ ରାୟଗଡ଼ାର ଭାଇଚାରାର ପର୍ବ

■ ବିଭିନ୍ନ ଦେବଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ରାୟଗଡ଼ା,୧୫।୧(ସମିସ)**

ମକର ସଂକ୍ରାନ୍ତି ଉପଲକ୍ଷେ ସମସ୍ତ ଓଡ଼ିଆଙ୍କ ଘରେ ଘରେ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରାଯାଇ ପିଠାପଣା, ମକର ଚାଉଳ ଦିଆଯାଇ ପାଳନ କରାଯାଉଥିବାବେଳେ ରାୟଗଡ଼ା ଜିଲ୍ଲାରେ ମଧ୍ୟ ଏହି କ୍ରମରେ ବିଭିନ୍ନ ଦେବଦେବୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ଥିବା ଉମାଶଙ୍କର ହଲ୍ ନିକଟସ୍ଥ ଶିବ ମନ୍ଦିର,ମ ହା କାଳେଶ୍ୱର ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରଗୁଡ଼ିକରେ ସକାଳୁ ସକାଳୁ ଭିଡ଼ ଦେଖିବାକୁ ମିଳିଥିଲା। ମକର ସଂକ୍ରାନ୍ତି ଓ ପୋଙ୍ଗଲ ପର୍ବ ରାୟଗଡ଼ା ଜିଲ୍ଲାରେ ଏକ ଭାଇଚାରାର ପର୍ବଭାବେ ପରିଲକ୍ଷିତ ହୋଇଛି।

ମକର ସଂକ୍ରାନ୍ତିରେ ସୂର୍ଯ୍ୟଙ୍କ ଉତରାୟଣ ଗତି ଆରମ୍ଭ ହୋଇଥାଏ। ପୌଷ ମାସର ଏହି ସଂକ୍ରାନ୍ତି ତିଥିରେ ସୂର୍ଯ୍ୟ ଉତରାୟଣ ହୋଇ ମକର ରାଶିରେ ପ୍ରବେଶ କରିଥାନ୍ତି। ଏହି ସମୟରେ ସମସ୍ତ ଦେବଦେବୀ, ଯକ୍ଷ, ଗନ୍ଧର୍ବ, ନାଗ, କିନ୍ନର ଆଦି ଏହି ଅବଧିରେ ତୀର୍ଥରାଜ ପ୍ରୟାଗରେ ଏକତ୍ରୀତ ହେବା ସହ ସଂଗମ ତଟରେ ସ୍ନାନ କରୁଥିବାରୁ ଏହି ସଂକ୍ରାନ୍ତିରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ସେମାନଙ୍କୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଦକ୍ଷିଣ ଭାରତରେ ଏହି ପର୍ବ ପୋଙ୍ଗଲ ନାମରେ ପରିଚିତ ଥିବାବେଳେ ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଜିଲ୍ଲାରେ ତେଲୁଗୁ ସମ୍ପ୍ରଦାୟର ବହୁ ପରିବାର ବସବାସ କରୁଥିବାରୁ ସମଗ୍ର ଜିଲ୍ଲାରେ ପୋଙ୍ଗଲକୁ ୩ ଦିନ ଧରି ପାଳନ କରାଯାଇଥାଏ। ପୋଙ୍ଗଲର ପୂର୍ବରାତିରେ କାଠଗଦାରେ ନିଆଁ ଲଗାଇ 'ଭୋଗି' ପାଳନ କରାଯାଏ। ଏହି ପୋଙ୍ଗଲ ପାଇଁ ରାୟଗଡ଼ା ମୁଖ୍ୟ ବଜାରରେ ବହୁତ ଭିଡ଼ ଦେଖିବାକୁ ମିଳିଥିଲା। ତେଲୁଗୁ ସମ୍ପ୍ରଦାୟରେ ପୋଙ୍ଗଲ ପର୍ବ ଏକ ମହାନ ପର୍ବ ହୋଇଥିବାରୁ ଏହି ଦିନମାନଙ୍କରେ ସୁନାଗହଣା ଇତ୍ୟାଦି କିଣିବା ଦ୍ୱାରା ଶୁଭପ୍ରଦ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଶେଷ ଦିନକୁ 'କାନାମୁ' ବୋଲି କହିବା ସହ ଏହି ଦିନରେ ଘରକୁ ଆସିଥିବା କୁଣିଆମାନଙ୍କ ପାଇଁ ଆମିଷ ଭୋଜନ କରାଯାଇଥାଏ।

## ମକର ସଂକ୍ରାନ୍ତି ପାଇଁ ମନ୍ଦିରରେ ପ୍ରବଳ ଭିଡ଼

**ଟିକିରି,୧୫।୧(ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଟିକିରିସ୍ଥିତ ହନୁମାନ ମନ୍ଦିର ,ଟିକିରି କାଶୀବିଶ୍ୱନାଥ ମନ୍ଦିର, ଡୁଡୁକାବାହାଲ ପାତାଳେଶ୍ୱର ମନ୍ଦିର ଆଗରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ପୌଷ ମାସରେ ଯେତେବେଳେ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିରେ ପ୍ରବେଶ କରନ୍ତି। ସେତେବେଳେ ଏହି ଦିନକୁ ଦେଶର ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ଉତ୍ସବ ଭାବେ ପାଳନ କରାଯାଏ। ଆମ ଓଡ଼ିଶାରେ ମକର ସଂକ୍ରାନ୍ତି ଭାବେ ବହୁ ଧୁମଧାମରେ ପାଳନ କରାଯିବା ସହିତ ସୂର୍ଯ୍ୟଙ୍କୁ ପୂଜା କରାଯାଏ। ରାଜ୍ୟରେ ଧାନ ଓ ଆଖୁ ଆଦି ନୂଆଫସଲ ଅମଳ ହୋଇଥାଏ। ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ ଓ କ୍ଷୀର ଇତ୍ୟାଦି ଗୋଳେଇ ସୁମିଷ୍ଟ ଭୋଗ ମକର ଚାଉଳ ପ୍ରସ୍ତୁତ ହୋଇ ଗୃହଦେବତାଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଏ।




## ମିଳିତ ଅମଲା ସଂଘ ସଦସ୍ୟଙ୍କ ସାମୂହିକ ଦୀପଦାନ



**ଜୟପୁର,୧୫।୧(ସମିସ):** ଜୟପୁର ପାୱାର ହାଉସସ୍ଥିତ ବୀର ହନୁମାନ ମନ୍ଦିର ପ୍ରାଙ୍ଗଣରେ ମିଳିତ ଅମଲାମଞ୍ଚ ସଂଘ କୋରାପୁଟ ଜିଲ୍ଲା ଶାଖା ସଦସ୍ୟଙ୍କ ପକ୍ଷରୁ ସାମୂହିକ ଦୀପଦାନ କରିଥିଲେ। ସ୍ଥାନୀୟ ଶିବ ମନ୍ଦିର ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ସଭାପତି ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ଜିଲ୍ଲା ଉପସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଅମଲାମାନଙ୍କ କିଛି ଆବଶ୍ୟକ ଦାବି ଚଳିତବର୍ଷ ପୂରଣ କରାଯିବ ବୋଲି ବୈଠକରେ ଆଶା ପ୍ରକଟ କରିଥିଲେ। ଏଥିରେ ରାଜ୍ୟ ଅମଲା ସଂଘର କୋରାପୁଟ ଜିଲ୍ଲା ଶାଖାର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାଶ, ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ କୈଳାସ ଚନ୍ଦ୍ର ସାମନ୍ତରାୟ, ବୃନ୍ଦାବନ ପଣ୍ଡା, କାଳୀ ପ୍ରସାଦ ମିଶ୍ର, ଯୋଗେନ୍ଦ୍ର ଚୌଧୁରୀ, ରାଜେନ୍ଦ୍ର ନାରାୟଣ ପାଢ଼ୀ, ପ୍ରଶାନ୍ତ କୁମାର ଭଟ୍ଟ, ବିନାୟକ ମିଶ୍ର, ରବି କୁମାର, ଟି. ଚିତ୍ତରଞ୍ଜନ, ସଞ୍ଜୀବ ପଟ୍ଟନାୟକ, ଜୟନ୍ତ ସାହୁ, ପ୍ରଦୀପ୍ତ ନାୟକ, ପ୍ରଶାନ୍ତ ସାହୁ, ବୃନ୍ଦାବନ ହନ୍ତାଳ, ଗୌରୀପ୍ରସାଦ ଦାସ, ପ୍ରମୋଦ ଭୂୟାଁ, ଅଶୋକ କୁମାର ବାଲା, ସୀତାକାନ୍ତ ମହାପାତ୍ର, ସୁରେଶ ପଟ୍ଟନାୟକ, ପବିତ୍ର ପାତ୍ର, ସଞ୍ଜୟ ରଥ, ସାନ୍ତନୁ କୁମାର ଜେନା, ପଦ୍ମେଶ୍ୱର ବିଷୋୟୀ, ମନାଲିସା ସ୍ୱାଇଁ, ସୁଜାତା ମହାପାତ୍ର, ସଂଯୁକ୍ତା ନାୟକ, ଲଳିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ପାଡୁଆ ପୁଲିସ ପକ୍ଷରୁ ୫ ୱାରେଣ୍ଟିଙ୍କୁ କୋର୍ଟ ଚାଲାଣ



**ନନ୍ଦପୁର,୧୫।୧(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ସୀମାନ୍ତ ପାଡୁଆ ପୁଲିସ ୫ ଜଣ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବିଭିନ୍ନ ମାମଲାରେ ଜଡ଼ିତ ରହି କୋର୍ଟ ଆଦେଶ ଅବମାନନା କରି ଦୀର୍ଘ ଦିନ ହେବ ଫେରାର୍ ରହିଥିଲେ। ଗିରଫ ବ୍ୟକ୍ତିମାନେ ହେଲେ ଚିଲମ୍ ଗ୍ରାମର ଯୋଗେଶ ପେଟିଆ (୩୦), ରାମବାବୁ ପାଙ୍ଗି (୩୮), ବାଡ଼େଲ ଗ୍ରାମର ବିଶ୍ୱନାଥ ହନ୍ତାଳ (୫୦), ସମିଲି ଗ୍ରାମର କମ୍ଲୁ ଖରା (୪୫) ଏବଂ ସୁନ୍ଦରରାୟ ଯାର୍ଙ୍ଗି ବୋଲି ଜଣାପଡ଼ିଛି। ଏହି ପାଞ୍ଚ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି।

## ମକର ସଂକ୍ରାନ୍ତି ଉପଲକ୍ଷେ କମ୍ବଳ ବଣ୍ଟନ



**ଉମରକୋଟ, ୧୫।୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ଡିଏନ୍‌କେ ସ୍ଥିତ ଇଶାନେଶ୍ୱର ମନ୍ଦିରଠାରେ ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଜଣେ କୁନି ଶ୍ରଦ୍ଧାଳୁ ଉମରକୋଟର ଗରିବ ଅସହାୟ ବୃଦ୍ଧବୃଦ୍ଧାମାନଙ୍କୁ ମନ୍ଦିର ପରିସରରେ କମ୍ବଳ ବଣ୍ଟନ କରିଥିବା ଦେଖିବାକୁ ମିଳିଛି। ଏଥିସହ କିଛି ଆର୍ଥିକ ସାହାଯ୍ୟ ମଧ୍ୟ ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା। ଏହି ବଣ୍ଟନ ସମୟରେ ଇଶାନେଶ୍ୱର ମନ୍ଦିରର ସଦସ୍ୟ ଓ କିଛି ସମାଜସେବୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ଅନ୍ନପ୍ରସାଦ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବଣ୍ଟନ କରାଯାଇଥିଲା।

## ପୂର୍ବତନ ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି ଦିବସ

**ଉମରକୋଟ, ୧୫।୧(ସମିସ):** ଉମରକୋଟ ବିଜେପି କାର୍ଯ୍ୟାଳୟଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ଧର୍ମୁ ଗଣ୍ଡଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ଧର୍ମୁ ଗଣ୍ଡଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମସ୍ତ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରିଥିଲେ। ଏଥିରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ନଗର ସଭାପତି ଗୋପୀନାଥ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢ଼ୀ, ସଂଯୋଜକ ସୁରେଶ ଆଚାର୍ଯ୍ୟ, ଜିଲ୍ଲା ସମ୍ପାଦକ ରାମ ନାୟକ, ମହିଳା ନେତ୍ରୀ ମନ୍ଦିରା ନାୟକ, ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ସତ୍ୟ ବେହେରା ପ୍ରମୁଖ ନଗରମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଫକୀର ମୋହନଙ୍କ ଜୟନ୍ତୀ ଓ ମକର ମିଳନ ଉତ୍ସବ

**ଜୟପୁର,୧୫।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ମାଉଣ୍ଟ ଭେଲ୍ଲୀ ସଭାକକ୍ଷଠାରେ ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ସୋମବାର ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଓ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଅଶୋକ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ ଯୋଗଦେଇ ମକର ସଂକ୍ରାନ୍ତି ସମସ୍ତ ଜାତି, ଧର୍ମ, ଆଞ୍ଚଳିକ ଭାଷାଭାଷୀ ଲୋକଙ୍କ ମିଳନର ପର୍ବ ଏବଂ ଓଡ଼ିଆ ଭାଷା ପ୍ରଚାର ଓ ପ୍ରସାରରେ ସାହିତ୍ୟିକ ଫକୀର ମୋହନ ସେନାପତିଙ୍କ ଅବଦାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ 'ପ୍ରମେୟ' ଖବରକାଗଜର ଜୟପୁର ସଂସ୍କରଣ ଡିଜିଏମ୍ ପ୍ରକାଶ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଇଂ. ନିର୍ମଳ ଚନ୍ଦ୍ର ମଲ୍ଲିକ ଓ ଆଇନଜୀବୀ ମନୋଜ କୁମାର ଆଚାର୍ଯ୍ୟ ଯୋଗଦେଇ ସମାଜ ସଂସ୍କାର ପାଇଁ ଫକୀର ମୋହନଙ୍କ ଅବଦାନ ବିଷୟକୁ ନେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର କବି ଓ କବୟିତ୍ରୀବୃନ୍ଦଙ୍କ ଉପସ୍ଥିତିରେ ସ୍ୱରଚିତ କବିତାପାଠ କରିଥିଲେ। କାର୍ଯ୍ୟକ୍ରମରେ କବି କୃଷ୍ଣଚନ୍ଦ୍ର ହୋତା, ନାରାୟଣ ସଗର, ଗୀତାଞ୍ଜଳି ସାହୁ, ବନିତା ମହାପାତ୍ର, ଭାରତୀ ମିଶ୍ର, ପୁଷ୍ପାଞ୍ଜଳି ଦେବୀ, ଭଗବାନ ସାବତ, ଶରତ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଶୁଭସ୍ମିତା ସାହୁ, ନୃସିଂହ ପ୍ରସାଦ ଷଡ଼ଙ୍ଗୀ, ରବୀନ୍ଦ୍ର ମହାରଣା, ମନୋରଞ୍ଜନ ପଣ୍ଡା, ତ୍ରିନାଥ ପଟ୍ଟନାୟକ, ସବିତା ଶତପଥି, ସଂଯୁକ୍ତା ରାଉତ, ସନ୍ତୋଷ ସାହୁ, ସୁବର୍ଣ୍ଣ କୁମାରୀ ଖିଲ ପ୍ରମୁଖ ଉପସ୍ଥିତ ରହି କବିତାପାଠ କରିଥିଲେ। ପ୍ରାରମ୍ଭରେ କବି ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କବି ମୁଦିରଥ ହୋତା ବେଦପାଠ କରିଥିଲେ। ତ୍ରିଲୋଚନ ଭଟ୍ଟ, ପଞ୍ଚାନନ ନାୟକ, ହର୍ଷିତା ପଟ୍ଟନାୟକ, ଘାସିରାମ ମହାପାତ୍ର ଭଜନ ସଙ୍ଗୀତ ଗାନରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ପାଦକ ଚନ୍ଦ୍ରମଣି ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କବି ଘାସିରାମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କବିତାପାଠ କାର୍ଯ୍ୟକ୍ରମକୁ ଡ. ରାଜେନ୍ଦ୍ର ପାଢ଼ୀ, ଅଜୟ ମଲ୍ଲିକ ଓ କବୟିତ୍ରୀ ଶୋଭାଗିନୀ ନନ୍ଦ ସଂଯୋଜନା କରିଥିଲେ। ଶେଷରେ ବ୍ୟାସକବି ଫକୀର ମୋହନ ସ୍ମୃତିଚାରଣ କମିଟି ଗଠନ କରାଯାଇ ପ୍ରଥମ ସଭାପତି ଭାବେ ଅଶୋକ ମିଶ୍ରଙ୍କୁ ମନୋନୀତ କରାଯାଇଛି। ସେହିପରି ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ସଭାପତି ତପନ କିରଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମକର ସଂକ୍ରାନ୍ତି, କଥାକାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଓ ମକର ମିଳନ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ଉପଦେଷ୍ଟା ଇଂ. କେଦାର ନାଥ ବେହେରା ଯୋଗଦେଇ ଭାରତର ଲୋକ ସଂସ୍କୃତିରେ ମକର ସଂକ୍ରାନ୍ତିର ଅବଦାନ ଉପରେ ଆଲୋକପାତ କରିଥିଲେ। କବୟିତ୍ରୀ ଅନସୂୟା ସାମନ୍ତରା ସାହିତ୍ୟର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ବୈରାଗୀ ଚରଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସୁଶ୍ରୀ ସରସ୍ୱତୀ ସାହୁ ମକର ପ୍ରସାଦ ବଣ୍ଟନ କରିଥିଲେ।



**ନବରଙ୍ଗପୁର:** ନବରଙ୍ଗପୁର ସହରର ପୁରାତନ କୁଞ୍ଜ ବିହାରୀ ପାଠାଗାର ତଥା କୃଷ୍ଣ ମନ୍ଦିରରେ ମକର ସଂକ୍ରାନ୍ତି ସହ ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ନାରାୟଣ ପଣ୍ଡାଙ୍କ ଆହ୍ୱାନ କ୍ରମେ ବକ୍ତା ରୂପରେ ହୃଷୀକେଶ ଦାଶ ଏବଂ ସୁବ୍ରତ ମହାନ୍ତି ଯୋଗଦେଇ ଏହି ଦିବସ ଉପରେ ବିଶେଷ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ରାଧାନାଥ ବେହେରା, ଗୋପବନ୍ଧୁ ବିଷୋୟୀ, ନିରଞ୍ଜନ ମିଶ୍ର, ରଘୁନାଥ ପାଣିଗ୍ରାହୀ, ଭାରତୀ ବିଷୋୟୀ, ଜେନାମଣି ବିଷୋୟୀ, ଗୋପାଳ ପାଣିଗ୍ରାହୀ, ପ୍ରଭାତୀ ବିଷୋୟୀ, କୁମୁଦ ପଟ୍ଟନାୟକ, ପର୍ଶୁରାମ ସାହୁ, ଜଗନ୍ନାଥ ବେହେରା, ସରୋଜ ତ୍ରିପାଠୀ, ରଘୁନାଥ ପାତ୍ର, ହରିହର ନାୟକ, ପି. ରବିକାନ୍ତ ରଘୁରାମ, କୃଷ୍ଣ ଦାସ, ତ୍ରିବିକ୍ରମ ନନ୍ଦ, ପ୍ରଭାସିନୀ ମହାନ୍ତି, ସାନୁଜ ପାତ୍ର, ହର ପ୍ରସାଦ ଦାଶ, ବୈଦେହୀ ପଣ୍ଡା, ସର୍ବେଶ୍ୱର ତ୍ରିପାଠୀ, ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗେଦଇଥିଲେ। ସମ୍ପାଦକ ରଜନୀ ପାତ୍ର ଧନ୍ୟବାଦ ଦେଇଥିଲେ।



## ଖୁଡୁଖୁଡ଼ି ଖେଳ ଉପରେ ଚଢ଼ଉ; ୪ ଗିରଫ

ଡାବୁଗାଁ,୧୫।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଉମୁରାହାଣ୍ଡି ଗ୍ରାମରେ ସୋମବାର ସନ୍ଧ୍ୟା ସମୟରେ ଖୁଡୁଖୁଡ଼ି ଖେଳ ଚାଲିଥିବାବେଳେ ପୁଲିସ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ଉମୁରାହାଣ୍ଡି ଗ୍ରାମରେ ସୋମବାର ସନ୍ଧ୍ୟା ସମୟରେ ଖୁଡୁଖୁଡ଼ି ଖେଳ ଚାଲିଥିବା ଖବର ପାଇ ଡାବୁଗାଁ ପୁଲିସ ଚଢ଼ଉ କରିଥିଲା। ସେଠାରୁ ୧୭୫୦ ଟଙ୍କା, ୬ଟା ଗୋଟି, ୧ଟି ପାଲି, ୧ଟି ଡାଲା ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା (୨୨/୨୪) ରୁଜୁ କରାଯାଇଛି। ଏଥିରେ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ, ସବ୍‌ଇନ୍ସପେକ୍ଟର ଚନ୍ଦନ ସାହୁ, ଏଏସଆଇ ଗୋପାଳକୃଷ୍ଣ ହାଲୱା ଓ ପୁଲିସ କର୍ମଚାରୀମାନେ ସାମିଲ ଥିଲେ।

## ଫେରାର ଅଭିଯୁକ୍ତ ଗିରଫ

**ଡାବୁଗାଁ,୧୫।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ପୁଲିସ ସୋମବାର ଜଣେ ଫେରାର୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ୨୦୦୯ରେ ଡାବୁଗାଁ ଥାନା ଅଧୀନ ଉମୁରାହାଣ୍ଡି ଗ୍ରାମର ଦେବୀସିଂ ମାଝି (୫୩) ଚୋରା ମଦ କାରବାର ଅଭିଯୋଗରେ ଗିରଫ ହୋଇଥିଲେ। ପରେ ଜାମିନରେ ଘରକୁ ଆସିଥିଲେ ଏବଂ ମାମଲାର ତାରିଖରେ କୋର୍ଟରେ ହଜାର ହୋଇ ନ ଥିଲେ। ଯାହାଫଳରେ କୋର୍ଟ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ସୋମବାର ଡାବୁଗାଁ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ କୋର୍ଟ ଜିଆର୍ ନଂ ୯୮୫/୨୦୦୯ରେ ୱାରେଣ୍ଟ ଥିବା ଜଣାପଡ଼ିଛି।

# ଲକ୍ଷ୍ମୀପୁର-ଟିକିରି ନିର୍ମାଣାଧୀନ ରାସ୍ତା ପାଲଟିଛି ମରଣଯନ୍ତା



ଲକ୍ଷ୍ମୀପୁର,୧୫।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରଠାରୁ ଟିକିରିକୁ ସଂଯୋଗ କରୁଥିବା ଆରଡି ବିଭାଗ ଦ୍ୱାରା ନିର୍ମାଣାଧୀନ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ବର୍ତ୍ତମାନ ନିର୍ମାଣାଧୀନ ଥିବାବେଳେ ନିର୍ମାଣ ସମୟରେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ବିଭାଗ ପକ୍ଷରୁ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ପ୍ରତିଦିନ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି।

ଶନିବାର ସନ୍ଧ୍ୟା ସମୟରେ ଖାଇପଦର ଗ୍ରାମର ଦୁଇ ଯୁବକ ଗାନ୍ଧୀ ମିଣିଆକା (୨୩)ଓ ଗବୁରୁ ମିଣିଆକା (୨୨) କୌଣସି ଏକ କାମ ନେଇ ଲକ୍ଷ୍ମୀପୁର ସ୍ଥିତ ଡଲିଆମ୍ବା ଗ୍ରାମକୁ ଯାଇଥିଲେ। ସେଠାରୁ ନିଜ ଗାଁ ଖାଇପଦର ବାଇକ୍ ଯୋଗେ ଫେରୁଥିବା ସମୟରେ ନିର୍ମାଣାଧୀନ ରାସ୍ତା ଟ୍ରେନ୍ ଓଭରବ୍ରିଜ ନିକଟରେ ବିପର୍ଯ୍ୟସ୍ତ ଯୋଗୁଁ ଭାରସାମ୍ୟ ହରାଇ ପଡ଼ି ଆହତ ହୋଇଥିଲେ। ତାଙ୍କୁ ଅମରେଶ ଶତପଥି ନାମକ ଜଣେ ବ୍ୟକ୍ତି ମେଡିକାଲକୁ ଆଣିଥିଲେ। ବର୍ତ୍ତମାନ ସୁଦ୍ଧା ସେ ଚିକିତ୍ସାଧୀନ ରହିଥିବା ଜଣାପଡ଼ିଛି। ସେହିପରି ସୋମବାର ମଧ୍ୟ ଖାଇପଦର ଛକ ନିକଟସ୍ଥ ଏକ କଲଭର୍ଟରେ କାକିରିଗୁମ୍ମା ନିକଟସ୍ଥ ମହୁରକଣା ଗ୍ରାମର ପଦଲେମ୍ କୁମାର (୨୨) ଓ ଆଉ ଜଣେ ଯୁବକ ଟିକିରିରୁ ନିଜ ଗାଁକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଠିକ୍ ଏହି ସମୟରେ ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା ଏହି ରାସ୍ତାରେ ନିଜ ଗାଁ ଭାଲୁଯୋଡ଼ିକୁ ଫେରୁଥିଲେ। ଏହି ଦୁର୍ଘଟଣା ଦେଖି ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀପୁର ମେଡିକାଲକୁ ପଠାଇଥିଲେ। ତାଙ୍କର ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ନେଇ ଡାକ୍ତର ଦୀନବନ୍ଧୁ ଚୌଧୁରୀ କହିଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ କୋରାପୁଟ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର କହିଛନ୍ତି। ନିର୍ମାଣାଧୀନ ରାସ୍ତାର ଦୁରବସ୍ଥା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ଅଞ୍ଚଳବାସୀ କହିଛନ୍ତି। ରାସ୍ତା ଉପରେ ସୁରକ୍ଷା ଦୃଷ୍ଟିକୋଣରୁ କୌଣସି ପ୍ରକାର ସଙ୍କେତ ନାହିଁ କିମ୍ବା ପାଣି ମଧ୍ୟ ପକାଯାଉ ନ ଥିବା ଯୋଗୁଁ ଧୂଳିକଣା, ଘନ କୁହୁଡ଼ିରେ ରାସ୍ତା ଦେଖାଯାଉନାହିଁ। ଯାହା ଫଳରେ ଏପରି ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ଏଣୁ ସମ୍ପୃକ୍ତ ଠିକାଦାରଙ୍କ ଉପରେ ବିଭାଗର ଏତେ ଉଦାସିନତା କାହିଁକି। ଏହା ଉପରେ ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ ହୋଇ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାକୁ ଦାବି ହେଉଛି।

## କୋଷାଗୁମୁଡ଼ା ମୁଖ୍ୟ ବଜାର କାଦୁଅ ପଚପଚ



**କୋଷାଗୁମୁଡ଼ା,୧୫।୧(ସମିସ):** କୋଷାଗୁମୁଡ଼ା ବସ୍ ଷ୍ଟାଣ୍ଡ ନିକଟରେ ବାଲିବୋଝେଇ ଟିପ୍ପରଗୁଡ଼ିକ ପାର୍କିଂ କରିବା ଯୋଗୁଁ ସ୍ମାର୍ଟ ବସ୍ ଷ୍ଟାଣ୍ଡ ଓ ଜଗଦଲପୁର ମୁଖ୍ୟ ରାଜରାସ୍ତା କାଦୁଅ ପଚ ପଚ ହୋଇଥିବା ନଜରକୁ ଆସିଛି। ସିଧାସଲଖ ନଦୀ ଭିତରୁ ବାଲି ଉଠାଣ କରି ଲୋଡିଙ୍ଗ ହୋଇଥିବା ଟିପ୍ପରଗୁଡ଼ିକରୁ ପାଣି ବାହାରି ମୁଖ୍ୟ ରାସ୍ତା ଉପରେ କାଦୁଅ ହେଉଛି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ବାରମ୍ବାର ଟିପ୍ପର ଡ୍ରାଇଭରଙ୍କୁ କହିବା ପରେ ମଧ୍ୟ ବସ ଷ୍ଟାଣ୍ଡ ସମ୍ମୁଖରେ ବାଲିବୋଝେଇ ଟିପ୍ପର ରଖିବା ଦ୍ୱାରା ମୁଖ୍ୟରାସ୍ତାରେ ଏକ ଛୋଟ ନାଳ ସଦୃଶ୍ୟ ବହି ରାସ୍ତା କାଦୁଅ ହେଉଥିବା ଯୋଗୁଁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ, ଛାତ୍ରଛାତ୍ରୀ, ବେପାରୀ, ସରକାରୀ କର୍ମଚାରୀଙ୍କ ସହ ଦୈନିକ ଶତାଧିକ ମୋଟର ଗାଡ଼ି ଚଳାଚଳ ହେଉଥିବା ସହ ଥାନା, ମେଡିକାଲ, ବ୍ଲକ୍, ତହସିଲକୁ ୧୦ଟି ପଞ୍ଚାୟତର ଲୋକମାନଙ୍କ ମୁଖ୍ୟ ରାସ୍ତା ଥିବାବେଳେ କିପରି ବେଖାତିର ଭାବରେ ସ୍ମାର୍ଟ ବସଷ୍ଟାଣ୍ଡ ନିକଟରେ କାଦୁଅ କରୁଛି। ଏହି ବାଲିବୋଝେଇ ଟିପ୍ପରର ପାଣି ବୋହିବା ସହ ଜନଗହଳି ଜାଗାରେ ପାର୍କିଂକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଭାଗ ପକ୍ଷରୁ ଏହି ବାଲିବୋଝେଇ ଟିପ୍ପରଗୁଡ଼ିକୁ ଅନ୍ୟତ୍ର ପାର୍କିଂ କରିବା ପାଇଁ ଆଦେଶ ଦେବା ପାଇଁ ଅଞ୍ଚଳବାସୀ ଦାବି ପ୍ରକାଶ କରିଛନ୍ତି।

## ତାରିଣୀ ପୀଠରେ ମକର ପାଳିତ

**ବେହେଡ଼ା,୧୫।୧(ସମିସ):** ରାଇଘର ଉମରକୋଟ ମୁଖ୍ୟ ରାସ୍ତାର ତେଲନଦୀ କୂଳରେ ଅବସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ବଡ଼ ଧୁମଧାମରେ ମକର ପାଳିତ ହୋଇଯାଇଛି। ସକାଳୁ ସକାଳୁ ସୂର୍ଯ୍ୟ ପୂଜା, ଦୁର୍ଗା ପୂଜା, ଆଳତି ଓ ମକରଚାଉଳ ପ୍ରସ୍ତୁତ କରି ମା'ଙ୍କ ପାଖରେ ଭୋଗ ଲାଗି କରାଯାଇଥିଲା। ମକର ଚାଉଳ ଭୋଗ କରାଯିବା ପରେ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା। ମକରଚାଉଳ ଏକ ନିଆରା ସମ୍ପର୍କ ଗାଢ଼ିଥାଏ। ମକରକୁ ନେଇ ଜଣେ ଅନ୍ୟ ସହିତ ଯୁଗ ଯୁଗ ପାଇଁ ସମ୍ପର୍କ ଗଢ଼ିଥାନ୍ତି। ତେବେ ଏହି ପୀଠରେ ଭକ୍ତଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ତେନ୍ତୁଲିଖୁଣ୍ଟି ବିଜେଡି ପଞ୍ଚାୟତ ସଭାପତିଙ୍କ ବୈଠକ



ତେନ୍ତୁଲିଖୁଣ୍ଟି,୧୫।୧(ସମିସ): ତେନ୍ତୁଲିଖୁଣ୍ଟି ବ୍ଲକ୍ ବିଜେଡି ସମସ୍ତ ପଞ୍ଚାୟତ ସଭାପତିଙ୍କ ବୈଠକ ସ୍ଥାନୀୟ ରାଇସିଂ ଯୋଡ଼ି ପର୍ଯ୍ୟଟନସ୍ଥଳି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୫ଟି ପଞ୍ଚାୟତର ବିଜେଡି ସଭାପତି ଯୋଗଦାନ କରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଲୋଚନା କରିଥିଲେ। ପୂଜାରୀଗୁଡ଼ା ପଞ୍ଚାୟତ ସଭାପତି ଗଣେଶ ବାଘଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ତେନ୍ତୁଲିଖୁଣ୍ଟି ସଭାପତି ନୀଳାମ୍ବର ନାୟକ, ଦିଗି ପଞ୍ଚାୟତ ସଭାପତି ପଙ୍କଜ ସାହୁ, ଲମତାଗୁଡ଼ା ସଭାପତି ଶଙ୍କର ପ୍ରଧାନୀ, ବାରଙ୍ଗ ପଦର ସଭାପତି ଡମ୍ବରୁ ସାହୁ, ମଞ୍ଚା ଗାଁ ସଭାପତି ଅଶୋକ ଟାକରି, ଗୌଡ଼ ଦେଓପାଲି ସଭାପତି ସୁନ୍ଦର ଟାକରି, ଅଞ୍ଚଳଗୁମ୍ମା ସଭାପତି ପ୍ରହଲ୍ଲାଦ ପ୍ରଧାନୀ, ପାତ୍ରପୁଟ ସଭାପତି ଦୁର୍ଯ୍ୟ ସଗରିଆ, କଣ୍ଟା ଗାଁ ସଭାପତି ଖ୍ରୀଷ୍ଟଦାନ ବାଘ, ଝରିଗୁମ୍ମା ସଭାପତି ସତ୍ୟ ହରିଜନ, ଅମ୍ବଳା ଭଟ୍ଟା ସଭାପତି ସୁରି ବିଷୋୟୀ, କଂଗ୍ରା ସଭାପତି କେଶବ ମାଝୀ, କୁକୁଡ଼ାବାଇ ସଭାପତି ନିବି ମାଝୀ, କାମତା ସଭାପତି ପ୍ରଦୀପ ବେପାରୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ସାଧାରଣ ନିର୍ବାଚନ ଲକ୍ଷ୍ୟରେ ନିଜ ନିଜ ମତ ଉପସ୍ଥାପନା କରିଥିଲେ। ନିଜ ନିଜ ପଞ୍ଚାୟତରେ ବିଜେଡି ସଂଗଠନକୁ ମଜଭୁତ କରିବା ପାଇଁ କଠୋର ପରିଶ୍ରମ କରିବା ଏବଂ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ପାଇଁ ଆଲୋଚନା ହୋଇଥିଲା। ଶେଷରେ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସଭାପତି ନୀଳାମ୍ବର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୁନ୍ଦୁଲି ଆଦିମ ଗୁରୁକୁଳ ଆଶ୍ରମରେ ମକର ସଂକ୍ରାନ୍ତି

**ସେମିଳିଗୁଡ଼ା,୧୫।୧(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁନ୍ଦୁଲି ସ୍ଥିତ ଆଦିମ ଗୁରୁକୁଳ ଆଶ୍ରମରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ଆଶ୍ରମର ବରିଷ୍ଠ ମୁଖ୍ୟ ଆଚାର୍ଯ୍ୟ ବିନୟ ବୈଦିକଙ୍କ ନେତୃତ୍ୱରେ ଯଜ୍ଞ ଓ ପ୍ରବଚନର ଆୟୋଜନ କରାଯାଇଥିଲା। ମକର ସଂକ୍ରାନ୍ତିର ମହତ୍ତ୍ୱ ବିଷୟରେ ଆଚାର୍ଯ୍ୟ ମନୁଦେବ ବ୍ୟାଖ୍ୟା କରିଥିଲେ।



ଏହି କାର୍ଯ୍ୟକ୍ରମରେ ଜୟପୁରର ବିଶିଷ୍ଟ ବ୍ୟବସାୟୀ ଓ ସମାଜସେବୀ ରାଜପାଲ ଖୁରାନା ସମସ୍ତ ଅନ୍ତେବାସୀଙ୍କ ପାଇଁ ଗୈରିକ ବସ୍ତ୍ର ପ୍ରଦାନ କରିଥିଲେ। ଆଶ୍ରମ କମିଟିର ସଭାପତି ଆନନ୍ଦ ପାଟୱାନିଆ ଉଲ ଟୋପି, ଗୋଶାଳା ପାଇଁ ଗୋଖାଦ୍ୟ ପ୍ରଭୃତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜଳେନ୍ଦ୍ର ତ୍ରିପାଠୀ, ପୀତାମ୍ବର ସାହୁ, ସୁନିଲ ଅଗ୍ରୱାଲ, ସ୍ନିଗ୍ଧାରାଣୀ ମିଶ୍ର, ଅନିଲ ଅଗ୍ରୱାଲ, ନାରାୟଣ ବିଶୋଇ, ଶିବା ବାଂଗାରୀ, ସୁରେନ୍ଦ୍ର କହଁର, ଜୟ ଭାଇ ପ୍ରମୁଖ ସହଯୋଗ କରିଥିଲେ। ଆଶ୍ରମରେ ଯଜ୍ଞର ଆୟୋଜନ କରାଯାଇ ପ୍ରାର୍ଥନା କରାଯାଇଥିଲା।



### ମାଛ ଚାଷୀ ଓ ନିର୍ବାହୀ ଯନ୍ତ୍ରୀ ସଲାସୁତରା

# ଆନ୍ଧ୍ର ମାଛ ଚାଷୀଙ୍କ ଅକ୍ତିଆରରେ ପାଣି, ଜମି ଓ ରାସ୍ତା





**ଗୁଣୁପୁର,୧୫।୧(ସମିସ)**

ଗୁଣୁପୁର ସହର ଓ ଆଖପାଖ ଅଞ୍ଚଳକୁ ଆନ୍ଧ୍ରପ୍ରଦେଶର ମାଛ ଚାଷୀମାନେ ଆସି ଦୀର୍ଘ ବର୍ଷ ଧରି ମାଛ ଚାଷ କରୁଛନ୍ତି। ଏହି ମାଛ ଚାଷୀମାନେ ତଳି ଅଞ୍ଚଳ ତଥା ନଦୀ ଓ ନାଳ ଥିବା ଅଞ୍ଚଳର ଜାଗାଗୁଡ଼ିକୁ ବାର୍ଷିକ ହିସାବରେ ଲିଜ୍ ଆକାରରେ ନେଇଥାନ୍ତି। ତତ୍ପରେ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାଙ୍କରୁ ମୋଟା ଅଙ୍କର ଋଣ ନେଇଥାନ୍ତି। ବ୍ୟାଙ୍କରୁ ନେଇଥିବା ଋଣ ୫୦ ପ୍ରତିଶତ ସବସିଡି ଏବଂ ଇନସ୍ୟୁରାନ୍ସ ମାଧ୍ୟରେ ଋଣ ଛାଡ଼ ଯୋଜନା ଆପଣାଇ କୋଟି କୋଟି ଟଙ୍କା ଋଣ ନେଇ ମାଲାମାଲ୍ ହେଉଛନ୍ତି। ରାଜ୍ୟ ସରକାରଙ୍କ ଜମି, ଜଳ ଓ ରାସ୍ତାଘାଟକୁ ମଧ୍ୟ ମାଡ଼ି ବସି ମାଛଚାଷ କରିବା ସହ ବିଳାସପୂର୍ଣ୍ଣ କୋଠା ନିର୍ମାଣ କରି ବସବାସ କରୁଥିବା ଦେଖିବାକୁ ମିଳିଛି। ଗୁଣୁପୁର ବଂଶଧାରା ନଦୀ ତଟରେ ଥିବା କତାଲୁଗୁଡ଼ା ଗ୍ରାମର ନଦୀ ହୁଡ଼ାକୁ ଲାଗି ବିରାଟ ବିରାଟ ମାଛ ବନ୍ଧ ନିର୍ମାଣ କରିବା ସହ ବିରାଟ ବିରାଟ ବିଳାସମୟ କୋଠା ଓ ଫାର୍ମ ହାଉସ୍ ମଧ୍ୟ ନିର୍ମାଣ କରାଯାଇଛି। ଏଠାରେ ପ୍ରଶ୍ନ ଉଠିଛି ଯେ, ନଦୀ ହୁଡ଼ାକୁ ଲଗାଇ ବନ୍ଧ ନିର୍ମାଣ ଓ ନଦୀ କୂଳରେ ବିରାଟ ବିରାଟ କୋଠା ନିର୍ମାଣ କରିବା ପାଇଁ ପାଇଁ କିଏ ଅନୁମୋଦନ ଦେଲା ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହେଉଛି। ବଂଶଧାରା ନଦୀର ସୁରକ୍ଷା, ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ରାଜ୍ୟ ସରକାରଙ୍କ ଜଳସେଚନ ଉପବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ମଧ୍ୟ ରହିଚି। ତେବେ ଏହି ବିଭାଗର ଯନ୍ତ୍ରୀ ଜଣକ କିଭଳି ବଂଶଧାରା ନଦୀର ଜମି, ରାସ୍ତା ଓ ପାଣିକୁ ଆନ୍ଧ୍ର ମାଛ ଚାଷୀମାନଙ୍କୁ ବିକ୍ରି କରିଦେଉଛନ୍ତି ତାହା ଏଠାରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି।

# ଚିତ୍ରକୋଣ୍ଡା ବଡ଼ ଫାର୍ମ ଜବରଦଖଲ ମାମଲାରେ ୨ ଗିରଫ

**ଚିତ୍ରକୋଣ୍ଡା,୧୫।୧(ସମିସ)**





ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ରାଜୁଲକୋଣ୍ଡା ବଡ଼ ଫାର୍ମ ଜମି ହେରଫେର ମାମଲାରେ ଆଉ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଚିତ୍ରକୋଣ୍ଡା ପୁଲିସ। ଗିରଫ ବ୍ୟକ୍ତିମାନେ ହେଲେ ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଝୁନୁଲିବହାଲ ଗ୍ରାମର ଗୁରୁ ଦୋରା ଓ ପେପରମେଟଲା ଥାନା ଅନ୍ତର୍ଗତ କୁନିଗୁଡ଼ା ଗ୍ରାମର ତିରୁପତି ଖିଲ।

ସୂଚନା ଅନୁସାରେ, ୨୦୨୧ ଜାନୁଆରୀ ମାସରେ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ୧୦୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ପ୍ରଲୋଭିତ କରି ସରକାରୀ ଜମି ସେମାନଙ୍କ ନାମରେ କରାଇଦେବା ପାଇଁ ଅର୍ଥ ଆଦାୟ କରି ଚିତ୍ରକୋଣ୍ଡା ପଞ୍ଚାୟତ ରାଜୁଲକୋଣ୍ଡା ଫଳ ବଗିଚାରେ ରହି ଜାଗା ଦଖଲ କରିବାକୁ ପ୍ରୋତ୍ସାହିତ କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ସ୍ୱାଭିମାନ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ପରିବାର ଫଳ ବଗିଚାକୁ କବଜା କରି ଉକ୍ତ ସ୍ଥାନରେ ନିଆଁ ଲଗାଇ ଗଛ ହାଣି ସଫା କରି ଜବରଦଖଲ କରିଥିଲେ। ସେମାନଙ୍କୁ ସରକାରୀ ଫଳ ବଗିଚାରୁ ଉଚ୍ଛେଦ କରିବାକୁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଚିତ୍ରକୋଣ୍ଡା ବିଧାୟକ, ଚିତ୍ରକୋଣ୍ଡା ତହସିଲ ପ୍ରଶାସନ, ପୁଲିସ ପ୍ରଶାସନ ଓ ବନ ବିଭାଗକୁ ଲହୁଲୁହାଣ ହେବାକୁ ପଡ଼ିଥିଲା। ସେମାନଙ୍କୁ ବହୁ ବୁଝାସୁଝା କରିବା ପରେ ଦୀର୍ଘ ଦିନ ପରେ ସେମାନେ ନିଜ ନିଜ ବାସସ୍ଥାନକୁ ଫେରି ଯାଇଥିଲେ। ଉକ୍ତ ଘଟଣାରେ ହୋଇଥିବା ମାମଲାରେ ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଆହୁରି ଅନେକ ଲୋକଙ୍କ ନାମ ରହିଛି ବୋଲି ସୂଚନା ମିଳିଛି। ଆଗାମୀ ଦିନରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବ।

# କେନ୍ଦ୍ରୀୟ ବିଦ୍ୟାଳୟରେ ବିଜ୍ଞାନ କର୍ମଶାଳା ଆୟୋଜିତ



**ମାଲକାନଗିରି,୧୫।୧(ସମିସ):** ମାଲକାନଗିରି ଜିଲ୍ଲା ସଦରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ବିଜ୍ଞାନ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ସେମିନାରରେ ବିଶେଷଜ୍ଞ ରୂପେ ମାଲକାନଗିରି ଆଦର୍ଶ ମହାବିଦ୍ୟାଳୟର ଭୌତିକ ବିଜ୍ଞାନର ଆସିଷ୍ଟାଣ୍ଟ ପ୍ରଫେସର ଡ. ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଆଦିତ୍ୟ ମିଶନର ସଫଳତା ଏବଂ ମକର ସଂକ୍ରାନ୍ତିର ସାଂସ୍କୃତିକ ଓ ବୈଜ୍ଞାନିକ ମହତ୍ୱ ବିଷୟରେ ସଚେତନ କରିବା ଏହି ସମ୍ଭାଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କୁହାଯାଇଛି। ଡ. ସାହୁ ପାୱାର ପଏଣ୍ଟ ପ୍ରେଜେଣ୍ଟେସନରେ ସୌର ମଣ୍ଡଳ, ପୃଥିବୀରେ ଜୀବନ ଧାରଣରେ ସୂର୍ଯ୍ୟଙ୍କ ଭୂମିକା, ଆଦିତ୍ୟ ମିଶ୍ର ପ୍ରସ୍ତୁତିଠାରୁ ଶେଷ ପର୍ଯ୍ୟନ୍ତ ସୁନ୍ଦର ଭାବରେ ପିଲାଙ୍କୁ ବୁଝାଇଥିଲେ। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୌରମଣ୍ଡଳ ଉପରେ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ ମଧ୍ୟ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ଅଧ୍ୟକ୍ଷ ଡ. କୈଳାଶ ମୀନା ଯୋଗଦେଇଥିଲେ। ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅମିତ ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଏବଂ ଗ୍ରନ୍ଥାଗାରିକ ଅରବିନ୍ଦ କୁମାର ସେଠ୍ ଏଥିରେ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟର ଭୌତିକ ବିଜ୍ଞାନ ଅଧ୍ୟାପକ ହୃଷୀକେଶ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅନ୍ୟ ଅଧ୍ୟାପକମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମକର ସଂକ୍ରାନ୍ତି ଉପଲକ୍ଷେ ମା' କାଳୀଙ୍କ ପୂଜାର୍ଚ୍ଚନା

**ମୋଟୁ,୧୫।୧(ସମିସ):** ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଏମପିଭି ୮୨ ଗ୍ରାମ ଶ୍ମଶାନଠାରେ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମା' କାଳୀଙ୍କ ପୂଜାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରି ମା'ଙ୍କ ଆଶୀର୍ବାଦ ନେଲେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲା ଯୁବ ଜନତା ଦଳ ସଭାପତି ଆଡମା ରାବା। ଏହି ଅବସରରେ ସର୍ବପ୍ରଥମେ ମା' କାଳୀଙ୍କ ଆଶୀର୍ବାଦ ନେବା ସହ ମା'ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଇ ଶୁଭାରମ୍ଭ କରାଯାଇଥିଲା। ଅଞ୍ଚଳବାସୀ ଶ୍ରୀ ରାବାଙ୍କୁ ବଡ଼ ଆଡ଼ମ୍ବର ସହ ସ୍ୱାଗତ କରି ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏହି ଉତ୍ସବରେ ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ବଙ୍ଗୀୟ ସମ୍ପ୍ରଦାୟ ଲୋକେ ଯୋଗଦେଇଥିଲେ। ଶେଷରେ ଗ୍ରାମର ସମସ୍ତ ଯୁବ, ବୟସ୍କ ଓ ମହିଳାଙ୍କୁ ନେଇ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଖୁବଶୀଘ୍ର ସମସ୍ୟାଗୁଡ଼ିକର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମକର ସଂକ୍ରାନ୍ତି ଓ ପୋଙ୍ଗଲରେ ତେଲୁଗୁ ସମ୍ପ୍ରଦାୟର ବନ୍ଧୁମିଳନ



**ମାଥିଲି,୧୫।୧(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ସଦର ମହକୁମା ସ୍ଥିତ ବଜାର ଛକଠାରେ ତେଲୁଗୁ ସମ୍ପ୍ରଦାୟର ପବିତ୍ର ପୋଙ୍ଗଲ ଓ ବେପାରୀ ସଙ୍ଘ ଦ୍ୱାରା ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଏକ ସର୍ବଧର୍ମ ସମନ୍ୱୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ମାଥିଲି ଅଞ୍ଚଳରେ ରାଜନୀତି ଦଳରୁ ଊର୍ଦ୍ଧ୍ୱରେ ରହି ଭାଇଚାରାକୁ ବଜାଇ ରଖିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ, ମାଥିଲି ଜିଲ୍ଲା ପରିଷଦ ଜୋନ୍-୧ର ସଭ୍ୟା ତଥା ବିଜୁ ଜନତା ଦଳର ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ସଦର ପଞ୍ଚାୟତ ସରପଞ୍ଚ କାନାମରାଜୁ ନାୟକ, କୁନାଲ ମିଶ୍ର, ଶରତ ଚନ୍ଦ୍ର ବୁରୁଦା, ରାମଗୋବିନ୍ଦ ପଣ୍ଡା, ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀ, ତେଲୁଗୁ ସମ୍ପ୍ରଦାୟର ସଭାପତି ସମେତ ମାଥିଲି ମୁସଲିମ ଭାଇମାନଙ୍କ କମିଟିର ସଭାପତି ଅବଦୁଲ ଗାଫାର, ଏନ ଲକ୍ଷ୍ମଣ ରାଓ, ସାମ୍ବାଦିକ ଏମଡି ଆକବର, ଶିକ୍ଷାବିତ ନାଗଭୂଷଣ ଭୀମସିଙ୍ଗଙ୍କ ସହ ବିଭିନ୍ନ ରାଜନେତା ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଶିକ୍ଷକ ଦିଲ୍ଲୀପ ରାଜୁ ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମକୁ ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀ ଓ ମଣୀ କୁମାର ପରିଚାଳନା କରିଥିଲେ। ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଉପସ୍ଥିତ ଅତିଥିମାନେ ଆଗାମୀ ଦିନରେ ପ୍ରତ୍ୟେକ ଧର୍ମର ପର୍ବପର୍ବାଣୀରେ ଏଭଳି ଭାଇଚାରା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ।

# ମକର ସଂକ୍ରାନ୍ତି ଉପଲକ୍ଷେ ଥାନା ପକ୍ଷରୁ ଭୈରବୀ ମନ୍ଦିରରେ ପୂଜାର୍ଚ୍ଚନା

**ମାଥିଲି,୧୫।୧(ସମିସ):**



ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ମାଲକାନଗିରି ଜିଲ୍ଲା ମାଥିଲି ଅଞ୍ଚଳରେ ଗାଁଠାରୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଛି। ତେଲୁଗୁ ସମ୍ପ୍ରଦାୟର ଲୋକମାନେ ଗତକାଲି ଠାରୁ ପୋଙ୍ଗଲ ପର୍ବ ପାଳନ କରୁଥିବାବେଳେ ଓଡ଼ିଆ ଲୋକେ ମକର ସଂକ୍ରାନ୍ତିକୁ ବେଶ୍ ଧୁମ୍ଧାମରେ ପାଳନ କରିଛନ୍ତି। ଏହି ଅବସରରେ ଜିଲ୍ଲାର ମାଥିଲି ବ୍ଲକ୍ ସଦର ମହକୁମାଠାରେ ଥିବା ଥାନା ପରିସରରେ ପ୍ରତ୍ୟକ୍ଷ ଦେବୀ ମା' ଭୈରବୀ ମନ୍ଦିରରେ ପୁଲିସ ତରଫରୁ ହୋମଯଜ୍ଞ ସହ ଅନ୍ନପ୍ରସାଦର ଆୟୋଜନ କରାଯାଇଥିଲା। ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏହି ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଥିଲି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ମାଥିଲି ଯୋଗାଣ ଅଧିକାରୀ ହୃଷୀକେଶ ନାୟକ, ବ୍ଲକ୍ ଜିଲ୍ଲା ପରିଷଦ ଜୋନ୍ ୩ର ସଭ୍ୟା ସସ୍ମିତା ମାଝୀଙ୍କ ସମେତ ବହୁ ନେତା ଓ ପ୍ରଶାସନିକ ଅଧିକାରୀମାନେ ସାମିଲ ହେବା ସହ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। ମକର ସଂକ୍ରାନ୍ତି ଉପଲକ୍ଷେ ସମସ୍ତ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହିତ ଅନ୍ନପ୍ରସାଦ ସେବନ କରିଥିଲେ। ତେବେ ଏହା ଦ୍ୱାରା ପୁଲିସ ଓ ଜନସାଧାରଣ ମଧ୍ୟରେ ଗୋଟିଏ ସୁସମ୍ପର୍କ ସ୍ଥାପନ ହେଉଥିବା ବୁଦ୍ଧିଜୀବୀମାନେ କହିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମାଥିଲି ଥାନା ସବ୍ ଇନ୍ସପେକ୍ଟର ଅଶ୍ୱିନୀ କୁମାର ପ୍ରଧାନ, କ୍ରିସ୍ତ ସେବକ ବାଘ ଓ ଅନ୍ୟ ସମସ୍ତ ଅଧିକାରୀମାନେ ପରିଚାଳନା କରିଥିବାବେଳେ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମନରେଗା ସମୀକ୍ଷା ଓ ଗ୍ରାମସଭା

**ମାଲକାନଗିରି,୧୫।୧(ସମିସ):** ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ଭେଜାଗୁଡ଼ା ପଞ୍ଚାୟତରେ ଆଜି ମନରେଗା ଓ ଏନଏଫଏସଏ ଯୋଜନାର ସମୀକ୍ଷା ଏବଂ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଦାସ, ସରପଞ୍ଚ ଭୀମସେନ ନାୟକଙ୍କ ସହ ଗ୍ରାମ ରୋଜଗାର ସେବକ, ଗାଁ ସାଥି, ୱାର୍ଡ ମେମ୍ବର, ବିଏସ୍ଏ ମହେନ୍ଦ୍ର କୋପେ ଏବଂ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ କିପରି ଗରିବ ପରିବାରରେ ଥିବା ବ୍ୟକ୍ତିମାନେ ରାସନ କାର୍ଡରେ ନିଜ ନାମକୁ ସାମିଲ କରିପାରିବେ ଏଥିପାଇଁ ଆବଶ୍ୟକୀୟ ନଥିପତ୍ର ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହାସହ ଯଦି କେହି ଯୋଗ୍ୟ ବ୍ୟକ୍ତି ଏହି ଯୋଜନରୁ ବାଦ ପଡୁଛନ୍ତି ତେବେ ସେମାନେ କିପରି ଏହାର ଅନ୍ତର୍ଭୁକ୍ତ ହେବେ ସେଥି ପାଇଁ ଅବଗତ କରାଯାଇଥିଲା। ସେହିପରି ଏହି କାର୍ଯ୍ୟକ୍ରମରେ ମନରେଗା ଯୋଜନା ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିବା ବେଳେ ଏହି ଯୋଜନାରେ କିପରି ଜଣେ ବ୍ୟକ୍ତି କାମ ପାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକଙ୍କୁ ରୋଜଗାର ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ତେଣୁ ଲୋକେ ଏହି ଯୋଜନା ବିଷୟରେ ଅବଗତ ହୋଇ ଏହାର ଲାଭ ଉଠାଇବା ପାଇଁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ଅଧିକାରୀମାନେ ଅବଗତ କରାଇଥିଲେ।

# ନାଲ୍କୋ କର୍ମଚାରୀଙ୍କ ଦ୍ୱାରା ବସ୍ତ୍ର ବଣ୍ଟନ




**ଦାମନଯୋଡ଼ି,୧୫।୧(ସମିସ)**

ନାଲକୋରେ କାର୍ଯ୍ୟରତ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ମିଳିତ ଆନୁକୂଲ୍ୟରେ ଭିତରଗଡ଼ ପଞ୍ଚାୟତ ଅନ୍ତର୍ଗତ ଝୋଲାଗୁଡ଼ାରେ ଗରିବ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ଓ ଆନୁସଙ୍ଗିକ ବ୍ୟବହାରିକ ଜିନିଷ ପ୍ରଦାନ କରାଯାଇଛି। ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ କୁମାର ପାଢ଼ୀ, ପତ୍ନୀ ସୋନିଆ ପାଢ଼ୀ, ସମସ୍ତ ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ପ୍ରମୋଦ କୁମାର ବେହେରା, କମଳଲୋଚନ ଜେନା, ଭିଭିଏସ୍ ଆନନ୍ଦ ,ପୁରୁଷୋତ୍ତମ ମହନ୍ତ, ସ୍ୱରୂପ ମିଶ୍ର ପ୍ରମୁଖ ଯୋଗଦେଇ ସାମଗ୍ରୀ ବଣ୍ଟନ କରିଥିଲେ। ଏଭଳି କାର୍ଯ୍ୟ ଜଏ ଅଫ୍ ଗିଭିଂ ଗ୍ରୁପ ତରଫରୁ କରାଯାଉଥିବାରୁ ସବୁ ମହଲରୁ ପ୍ରଶଂସା କରାଯାଇଛି।

# ଅପରାଧ ଓ ଚୋରା ଚାଲାଣ ରୋକିବା ପାଇଁ ସୀମାନ୍ତରେ ପୁଲିସର କଡ଼ା ଯାଞ୍ଚ



**ମାଲକାନଗିରି,୧୫।୧(ସମିସ):** ମାଲକାନଗିରି ଜିଲ୍ଲା ତିନିଟି ରାଜ୍ୟର ସୀମାରେ ରହିଥିବାବେଳେ ବିଶେଷ କରି ଏହାର ସୀମାନ୍ତକୁ ଛତିଶଗଡ଼, ଆନ୍ଧ୍ର ଓ ତେଲଙ୍ଗନା ରାଜ୍ୟ ଲାଗି ରହିଛି। ଛତିଶଗଡ଼ ରାଜ୍ୟରେ ମାଓହିଂସା ବଢ଼ିବାରେ ଲାଗିଥିବାବେଳେ ଅନେକ ସମୟରେ ସେଠାକାର ମାଓବାଦୀ ମାଲକାନଗିରିକୁ ଆସୁଥିବାବେଳେ ଆନ୍ଧ୍ରରୁ ମଧ୍ୟ ମାଓବାଦୀମାନେ ମାଲକାନଗିରି ଜିଲ୍ଲାକୁ ଆସୁଥିବାର ନଜିର ରହିଥିବାରୁ ଜିଲ୍ଲା ପୁଲିସ ପକ୍ଷରୁ ଏହି ଦୁଇ ସୀମାରେ କଡ଼ାକଡ଼ି ଯାଞ୍ଚ ବ୍ୟବସ୍ଥା କରାଯାଇଛି। ସେହିପରି ଅନେକ ସମୟରେ ଆନ୍ଧ୍ର, ଛତିଶଗଡ଼ ଓ ତେଲଙ୍ଗାନାକୁ ଅନେକ ନିଶାଦ୍ରବ୍ୟ ସହ ବିଭିନ୍ନ ସାମଗ୍ରୀ ଚୋରା ଚାଲାଣ ହେଉଥିବାବେଳେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ପ୍ରକ୍ରିୟାରେ ମାଓହିଂସା ଓ ବିଭିନ୍ନ ଅବାଧ ଚାଲାଣ ଉପରେ ନଜର ରଖିବା ପାଇଁ ଏହି କଡ଼ା ସୁରକ୍ଷା ବ୍ୟବସ୍ଥା ଅପଣେଇଥିବା ମାଲକାନଗିରି ଏସପି ନିତେଶ ୱାଧୱାନି ସୂଚନା ଦେଇଛନ୍ତି। ବିଶେଷକରି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟକୁ ଲାଗିରହିଥିବା ମାଲକାନଗିରି ବ୍ଲକର ଚାଲାନଗୁଡ଼ା, ପଦ୍ମଗିରି, ମାଥିଲି ବ୍ଲକର ଗୋବିନ୍ଦପାଲି, ମହୁପଦର, ଚିତ୍ରକୋଣ୍ଡା, ପଡ଼ିଆ ବ୍ଲକର କମାରପାଲି, କାଲିମେଳା ବ୍ଲକର ମୋଟୁ ଭଳି ବିଭିନ୍ନ ସ୍ଥାନରେ ପୁଲିସ ଫାଟକ ଲଗାଇ ଯାନବାହନ ଯାଞ୍ଚ କାର୍ଯ୍ୟକୁ ଜୋରଦାର କରାଯାଇଛି। ଏହି ଯାଞ୍ଚ ଦ୍ୱାରା ମାଓବାଦୀଙ୍କ ଗତିବିଧି ଉପରେ ନଜର ରହିବା ସହ ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାରେ ସହଜ ହୋଇପାରିବ। ଏହି ଚେକ୍ ପୋଷ୍ଟରେ ୨୪ଘଣ୍ଟିଆ ଯାଞ୍ଚ ପାଇଁ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବାବେଳେ ଗତ ମାସରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ସୁକୁମା ଜିଲ୍ଲା ପୁଲିସ ସହିତ ମାଲକାନଗିରି ଜିଲ୍ଲା ପୁଲିସର ସମନ୍ୱୟ ବୈଠକ ବସିଥିଲା। ମାଓବାଦୀ ଓ ଅପରାଧୀଙ୍କ ଗତିବିଧିରେ ରୋକ୍ ଲଗାଇବା ନିମନ୍ତେ ସେଠାରେ ଆଲୋଚନା ହେବା ପରେ ଜିଲ୍ଲା ପୁଲିସ ପକ୍ଷରୁ ଏହି ଠୋସ୍ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

### ଅସୁରକ୍ଷିତ ମାଂସ ବଜାର ଘରର ଛାତ

# ବିପଦରେ ସ୍କୁଲ୍ ଛାତ୍ରଙ୍କ ଜୀବନ

**ନବରଙ୍ଗପୁର,୧୫।୧(ସମିସ)**



ନବରଙ୍ଗପୁର ପୌରାଞ୍ଚଳରେ ସଞ୍ଜୟ ମାର୍କେଟ ମାଂସ ବଜାର ଘରର ଛାତ ଅସୁରକ୍ଷିତ ଅବସ୍ଥାରେ ରହିଥିବାବେଳେ ପୌରପରିଷଦ ନିଦାବିଷ୍ଣୁ ସାଜିଛି। ନବରଙ୍ଗପୁର ପୌରାଞ୍ଚଳ ଅନ୍ତର୍ଗତ ଗୌଡ଼ସାହି ସରକାରୀ ୟୁଜିଏମଇ ବିଦ୍ୟାଳୟର ଛାତ୍ରଙ୍କ ପ୍ରତି ମଧ୍ୟ ବିପଦ ରହିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଗୌଡ଼ସାହି ବିଦ୍ୟାଳୟର ଛାତ୍ରମାନେ ସ୍କୁଲ ଚାଲିଥିବା ସମୟରେ ବିଦ୍ୟାଳୟ ପାଚେରି ଡେଇଁ ବିପଦପୂର୍ଣ୍ଣ ଭାବେ ଚଳପ୍ରଚଳ କରୁଥିବା ଦେଖାଯାଇଛି। ଛାତ୍ରମାନେ ବିଦ୍ୟାଳୟକୁ ଲାଗିକି ରହିଥିବା ସେହି ମାଂସ ବଜାରର ବିପଦସଙ୍କୁଳ ଅବସ୍ଥାରେ ଥିବା ଷ୍ଟଲର ଛାତ ଉପରେ ଖେଳକୁଦ କରୁଛନ୍ତି । ପ୍ରତିଦିନ ବହୁବାର ସ୍କୁଲ ସମୟରେ ଏହା ଦେଖିବାକୁ ମିଳୁଛି।

ସୂଚନାଯୋଗ୍ୟ ଯେ, ମାଂସ ବଜାରର ଉକ୍ତ ମାଂସ ଷ୍ଟଲ ଛାତ ଅବସ୍ଥା ଏଭଳି ଅଛି ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗି ଧରାଶାୟୀ ହେବାର ଆଶଙ୍କା ରହିଛି। ଛାତ ନଇଁ ଏକ ପ୍ରକାର ଧନୁର ଆକାରରେ ପରିଣତ ହେବା ସହ ଛାତ ତଳ ପିଲରର ଆକାର ଉପର ଭାଗ ୨ ଫୁଟ ରହିଥିବା ବେଳେ ତଳପଟକୁ ନଷ୍ଟ ହୋଇ ୧୦ ଇଞ୍ଚକୁ ପହଞ୍ଚିଛି। ଏହିଭଳି ମାଟି ଇଟାରେ ନିର୍ମିତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ପିଲର ଯେକୌଣସି ମୁହୂର୍ତ୍ତରେ ଭାଙ୍ଗି ଚୁରମାର ହୋଇଯିବ। ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଷ୍ଟଲଗୁଡ଼ିକୁ ପୌରସଂସ୍ଥା କିଭଳି ବ୍ୟବହାର ପାଇଁ ଅନୁମତି ଦେଇଛି ତାହା ପ୍ରଶ୍ନବାଚୀ। ଏହା ବ୍ୟତୀତ ଛେଳି, ମେଣ୍ଢା କଟାହେବା ପରେ ଛାଲ ଓ ଅବଶିଷ୍ଟାଂଶ ଏବଂ ମାଛ କାଟିବା ପରର ଅବଶିଷ୍ଟାଂଶକୁ ସେଠାରେ ହିଁ ଫୋପାଡ଼ି କୁଢ଼ କରାଯାଇଛି। ଏହାର ଦୁର୍ଗନ୍ଧ ସମଗ୍ର ଅଞ୍ଚଳକୁ ବ୍ୟାପୀ ପରିବେଶ ଦୂଷିତ କରୁଛି। ଏଭଳି ଦୂଷିତ ଅଞ୍ଚଳ ଓ ବିପଦସଙ୍କୁଳ ଛାତକୁ ଛାତ୍ରମାନେ ସ୍କୁଲ ସମୟରେ ମାଂସ ବଜାରକୁ କିଭଳି ଯାତାୟାତ କରୁଛନ୍ତି ତାହା ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଦର୍ଶାଉଛି। ଏହାକୁ ତୁରନ୍ତ ରୋକା ନ ଗଲେ କିଛି ବି ଅଘଟଣ ଘଟି ଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜର ପିଲାଛୁଆଙ୍କୁ ଅଭିଭାବକମାନେ ଉତ୍ତମ ଭବିଷ୍ୟତ ଗଠନ ଆଶାରେ ବିଦ୍ୟାଳୟକୁ ପଠାଉଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳାକୁ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି। ଏହି ଘଟଣା ସମ୍ପର୍କରେ ନବରଙ୍ଗପୁର ବିଇଓ ରମେଶ ଚନ୍ଦ୍ର ରାୟଙ୍କୁ ପଚାରିବାରୁ ପୌରପାଳିକାର ଦୃଷ୍ଟିକୁ ସେ ଆଣିବା ସହ ସ୍କୁଲ କର୍ତ୍ତୃପକ୍ଷ ଓ କମିଟି ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ଧୁମ୍‌ଧାମ୍‌ରେ ଭୋଗି ଓ ପୋଙ୍ଗଲ ପର୍ବ ପାଳିତ

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମକର ସଂକ୍ରାନ୍ତି ପାଳିତ

**ମୁନିଗୁଡ଼ା,୧୫।୧(ସମିସ)**

ପର୍ବ ପବିତ୍ର ମକର ସଂକ୍ରାନ୍ତିକୁ ବିଭିନ୍ନ ରାଜ୍ୟରେ ଭିନ୍ନ ନାମରେ ନିଜ ପରମ୍ପରା ମୁତାବକ ପାଳନ କରାଯାଉଥିବା ବେଳେ ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା, ଅମ୍ବାଦଳା ଅଞ୍ଚଳରେ ଅଧିକାଂଶ ତେଲୁଗୁ ଭାଷାଭାଷୀ ରହୁଥିବାରୁ ଏଠାରେ ଉଭୟ ତେଲୁଗୁ ଏବଂ ଓଡ଼ିଆ ସମ୍ପ୍ରଦାୟ ମିଳିତ ଭାବରେ ଆନନ୍ଦ ଉଲ୍ଲାସର ସହିତ ମକର ପର୍ବ ପାଳିଛନ୍ତି। ଏହି ପର୍ବକୁ ତେଲୁଗୁ ସମ୍ପ୍ରଦାୟର ଲୋକେ ୪ ଦିନ ଧରି ପାଳନ କରିଥାନ୍ତି। ଯିଏ ଯେଉଁଠି ଥିଲେ ମଧ ଏହି ଉତ୍ସବରେ ସାମିଲ ହେବା ପାଇଁ ସମସ୍ତେ ଘର ମୁହାଁ ହୋଇଥାନ୍ତି। ତେଲୁଗୁ ଏବଂ ଓଡ଼ିଆ ଭାଷାଭାଷୀ ସମ୍ପ୍ରଦାୟର ଲୋକମାନେ ଉଭୟଙ୍କ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ମିଳିମିଶି ଏହି ପର୍ବ ପାଳନ କରିଆସୁଛନ୍ତି । ଏହି ସମୟରେ ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପର୍ବ ଭାବେ ପରିଚିତ ପୋଙ୍ଗଲକୁ ତେଲୁଗୁମାନେ ଧୁମଧାମରେ ପାଳନ କରୁଥିବାବେଳେ ଓଡ଼ିଆମାନେ ମଧ ଏହାକୁ ମକର ସଂକ୍ରାନ୍ତି ଭାବେ ପାଳନ କରିଥାନ୍ତି।



ତେଲୁଗୁ ଭାଷାଭାଷୀମାନେ ପାଳନ କରି ଆସୁଥିବା ଏହି ପର୍ବର ପ୍ରଥମ ଦିନକୁ ଭୋଗି କୁହାଯାଇଥାଏ। ଏହି ଦିନ ବଡ଼ବଡ କାଠଗଣ୍ଡିରେ ନିଆଁ ଲଗାଇ ଅଗ୍ନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଦ୍ୱିତୀୟ ଦିନରେ ପାଣ୍ଡୁକୁ ପାଳନ କରିଥାନ୍ତି। ଏହି ଦିନ ପିତୃ ପୁରୁଷଙ୍କୁ ସ୍ମରଣ କରାଯାଇଥାଏ। ସେହିଭଳି ତୃତୀୟ ଓ ଚତୁର୍ଥ ଦିନ କାନୁମୁ ଓ ମୁକାନୁମୁ ପାଳନ ହୋଇଥାଏ। ଏହି ସମୟରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଖାଇବାର ମଜା ଉଠାଇଥାନ୍ତି। ଏହି ଅବସରରେ ଅମ୍ବାଦଳା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଅମ୍ବାଦଳା ହାଇସ୍କୁଲ ପଡ଼ିଆରେ ମକର ସଂକ୍ରାନ୍ତି ଉତ୍ସବ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ରାଷ୍ଟ୍ରୀୟ ସ୍ୱୟଂ ସେବକମାନେ ଉପସ୍ଥିତ ରହି ଗୈରିକ ଧ୍ୱଜା ଉତ୍ତୋଳନ କରିବା ଓ ମକର ସଂକ୍ରାନ୍ତି ପାଳନ ସହ ମକରଚାଉଳ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ସାରଦା ପ୍ରସାଦ ସିଂ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଦ୍ୟାଧର ସାହୁ ଯୋଗଦେଇ ମକର ସଂକ୍ରାନ୍ତି ବିଷୟରେ ବୌଦ୍ଧିକ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟ ଶିକ୍ଷକ ଭାବରେ ରାଜା ଅଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଉତ୍ସବ ବନ୍ଧୁ ମିଳନ ପାଇଁ ଗୋଟିଏ ମାଧମ ହୋଇଥିବାରୁ ସମସ୍ତେ ଏହାକୁ ଏକତ୍ରିତ ହୋଇ ପାଳନ କରଥାନ୍ତି। ସଂସ୍କୃତି ପରମ୍ପରାର ସହର ମୁନିଗୁଡ଼ା, ଅମ୍ବାଦଳା ସମେତ ଏହାର ଆଖପାଖ ଅଞ୍ଚଳରେ ଉଭୟ ତେଲୁଗୁ ଏବଂ ଓଡ଼ିଆ ସମ୍ପ୍ରଦାୟର ଲୋକେ ବିଶେଷ ବସବାସ କରିଥାନ୍ତି। ତେଣୁ ଏହି ସବୁ ଅଞ୍ଚଳରେ ଉଭୟ ଉଭୟଙ୍କ ସଂସ୍କୃତି ଉଚ୍ଚ ଓ ପରମ୍ପରାକୁ ଆନ ଆନନ୍ଦ ଉଲ୍ଲାସର ସହ ପାଳନ କରୁଥିବାରୁ ଉଭୟଙ୍କ ମଧ୍ୟରେ ଏକ ଭାଇଚାରାର ସମ୍ପର୍କ ରହି ଆସୁଛି। ଏହି ପର୍ବ ଅବସରରେ ଅମ୍ବାଦଳା ୱାଷାବି କନ୍ୟାକ ପରମେଶ୍ୱରୀ ସଂଘ ତରଫରୁ ଗତକାଲି ପବିତ୍ର ଭୋଗୀ କାର୍ଯ୍ୟକ୍ରମ ପାଳନ ହୋଇଥିବାବେଳେ ଆଜିଠାରୁ ପୋଙ୍ଗଲପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ସଙ୍ଘର କର୍ମକର୍ତ୍ତା ତଥା ସଭାପତି ଆଇ ଗୋବିନ୍ଦା ରାଜୁ, ସମ୍ପାଦକ କେ. ଶ୍ରୀନିବାସ ଓ କୋଷାଧ୍ୟକ୍ଷ ଭାବେ ଚୟନ କରି ସେମାନଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ସରିବା ପରେ ସଦସ୍ୟମାନେ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଠାରୁ ମନ୍ଦିର ପର୍ଯ୍ୟନ୍ତ ଏକ ପଟୁଆରରେ ସମସ୍ତେ ଆସିବା ପରେ ସନ୍ଧ୍ୟାରେ ଉପସ୍ଥିତ ମହିଳା, କୁନିକୁନି ଛୁଆ ଓ ପରିବାର ଲୋକଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୋଙ୍ଗଲରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା

**ମୁନିଗୁଡ଼ା,୧୫।୧(ସମିସ):** ରବିବାରଠାରୁ ଦକ୍ଷିଣ ଭାରତୀୟଙ୍କ ବଡ଼ ପର୍ବ ପୋଙ୍ଗଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଭୋଗି ଉତ୍ସବ ବେଶ୍ ଉତ୍ସାହର ସହ ପାଳିତ ହୋଇଥିବାବେଳେ ତେଲୁଗୁ ସମ୍ପ୍ରଦାୟର ଲୋକେ କାଠ ଗଣ୍ଡିରେ ଅଗ୍ନି ସଂଯୋଗ କରି ମନରେ ଥିବା ରାକ୍ଷସରୂପି ରାବଣକୁ ବାହାର କରି ନୂତନ ଓ ସୁସ୍ଥ ସମାଜ ଗଠନ ଦିଗରେ ପୂଜାର୍ଚ୍ଚନା କରିଛନ୍ତି। ସେଇ



କ୍ରମରେ ସୋମବାର ପୋଙ୍ଗଲ ବା ପାଣ୍ଡୁଗୁ ପାଳନ କରିଛନ୍ତି ତେଲୁଗୁ ସମ୍ପ୍ରଦାୟର ଲୋକେ। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ତେଲୁଗୁ ସମ୍ପ୍ରଦାୟର ଲୋକେ ବେଶ୍ ଆଡ଼ମ୍ବର ସହକାରେ ଘରେ ଘରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରି ନୂଆ ଖାଇ ନୂଆ ବସ୍ତ୍ର ପିନ୍ଧି ଏହି ପର୍ବକୁ ପାଳନ କରିଛନ୍ତି। ସେପଟେ ପରମ୍ପରା ଅନୁସାରେ, ତେଲୁଗୁ ସମ୍ପ୍ରଦାୟର ସମସ୍ତ ଲୋକ ଆରାଧଦେବୀ ମା' ବାସବୀ କନ୍ୟକା ପରମେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ମୁନିଗୁଡ଼ା କଳିଙ୍ଗ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ମୁନିଗୁଡ଼ା କଳିଙ୍ଗ ବୈଶ୍ୟ ସମାଜର ସଭାପତି କେ.ସତ୍ୟନାରାୟଣ, ସମ୍ପାଦକ ପି. ରାମ ବାବୁ, କୋଷାଧ୍ୟକ୍ଷ ଏଲ୍. ସିମ୍ହଅଲମ, ସେହିପରି ମୁନିଗୁଡ଼ା କଳିଙ୍ଗ ଯୁବ ବୈଶ୍ୟ ସମାଜ ସଭାପତି ଟି. ଅଶୋକ କୁମାର, ଉପସଭାପତି ଜି. ଚୈତନ୍ୟ, ସମ୍ପାଦକ ଜି. କ୍ରାନ୍ତି ପ୍ରମୁଖଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ପୋଙ୍ଗଲ ଅବସରରେ ତେଲୁଗୁ ସମ୍ପ୍ରଦାୟର ବିଭିନ୍ନ ବୃତ୍ତିରେ ସଫଳତା ପାଇଥିବା ଓଟିଭିର ଜୟପୁର ବ୍ୟୁରୋ ଚିଫ୍ ଟି.ଗୌରୀଶଙ୍କର, ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଭାବେ ନିଯୁକ୍ତି ପାଇଥିବା ଜି. ଆଲେଖ୍ୟାଙ୍କ ସମେତ ମୁନିଗୁଡ଼ାର ସାମ୍ବାଦିକ ଲାଡି. ଶଙ୍କର ରାଓ, ସିଏଚ୍ ଗଣେଶ୍ୱର ରାଓ, ପି. ସନ୍ତୋଷ କୁମାର, ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖଙ୍କୁ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସଂଘର ବରିଷ୍ଠ ସଦସ୍ୟଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୋଙ୍ଗଲ ପାଳନ ପାଇଁ ପୂଜାର୍ଚ୍ଚନା

**ଜୟପୁର,୧୫।୧(ସମିସ):** କୋରାପୁଟ ଜଲ୍ଲା ଜୟପୁର ସହରର ଗତ ଶନିବାର ରାତିରେ ବିଭିନ୍ନ ସ୍ଥାନରେ କାଠରେ ନିଆଁ ଜଳାଇ ମକର ସଂକ୍ରାନ୍ତି ଉଭୟ ତେଲୁଗୁ ଏବଂ ଓଡ଼ିଆ ସମ୍ପ୍ରଦାୟର ଲୋକମାନେ ପାଳନ କରିଥିଲେ। ସୋମବାର ତେଲୁଗୁ ସମ୍ପ୍ରଦାୟର ପୋଙ୍ଗଲ ପାଳନ ସହ ମକର ସଂକ୍ରାନ୍ତି ରୀତିନୀତି ଏବଂ ଆନନ୍ଦ ଉଲ୍ଲାସରେ ରବିବାର ପାଳନ କରାଯାଇଛି। ଏଥିପାଇଁ ଦୋକାନ ବଜାରରେ ସାମଗ୍ରୀ କ୍ରୟ ସହ ପ୍ରସ୍ତୁତି ଜୋରଦାର ହୋଇଛି। ମକର ସଂକ୍ରାନ୍ତି ଅବସରରେ ସୂର୍ଯ୍ୟ ଦକ୍ଷିଣ ମେରୁରୁ ଉତ୍ତର ମେରୁକୁ ପ୍ରବେଶ କରୁଥିବା ଯୋଗୁଁ ଶୀତର ପ୍ରକୋପ କମିବା ସହିତ ଗ୍ରୀଷ୍ମର ପ୍ରଭାବ ଆରମ୍ଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଶୀତ ପ୍ରକୋପ କମିବା ଆରମ୍ଭ ହୋଇଥିବା ଯୋଗୁଁ କାଠରେ ଗତ ରାତିରେ



ନିଆଁ ଲଗାଇ ଭୋଜିଭାତ, ମିଷ୍ଟାନ୍ନ ବଣ୍ଟନ କରାଯାଇ ସହରର ବିଭିନ୍ନ ଛକଠାରେ ବନ୍ଧୁ ଓ ସାଙ୍ଗସାଥୀମାନେ ଭୋଗି ଉତ୍ସବ ପାଳନ କରିଥିଲେ। ସେହିପରି ସୋମବାର ପବିତ୍ର ମକର ସଂକ୍ରାନ୍ତି ଅବସରରେ ସହରର ବିଭିନ୍ନ ମନ୍ଦିରରେ ମକର ଚାଉଳରେ ପ୍ରସ୍ତୁତ ଏକ ମିଷ୍ଟାନ୍ନ ପ୍ରସ୍ତୁତ କରାଯାଇ ଠାକୁରମାନଙ୍କ ନିକଟରେ ଲାଗି କରାଯିବା ସହ ପୂଜାର୍ଚ୍ଚନା ପରମ୍ପରା ରହିଛି। ଶନିବାର ରାତି ସୌରାସାହି ଛକ, ଧୋବା ସାହି ଛକ, ପାଣିନଳା ସାହି, ଭୂପତି ସାହି, ପ୍ରସାଦ ରାଓ ପେଟା, ସମ୍ବାରତୋଟା, କେଲ୍ଲା ନଗର, ମେନ ରୋଡ, ବେଢ଼ା ସାହି, କମ୍ବାର ସାହି ପ୍ରଭୃତି ସ୍ଥାନରେ ଭୋଗି ପାଳନ କରାଯାଇଥିଲା। ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ପ୍ରତ୍ୟେକ ଘର ଆଗରେ ଏହି ଅବସରରେ ରଙ୍ଗୋଲି ତଥା ଝୋଟି ଚିତା ପକାଯାଇଥିବା ଦେଖିବାକୁ ମିଳିଥିଲା।

● ସୌରଚାଳିତ ପାନୀୟଜଳ ପ୍ରକଳ୍ପ ଅଚଳ; କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ

## ୨ ବର୍ଷ ହେବ ପାନୀୟଜଳ ପାଇଁ ହନ୍ତସନ୍ତ ବନମାଳୀପୁଟବାସୀ

**ନନ୍ଦପୁର,୧୫।୧(ସମିସ):** କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ ଓ ନନ୍ଦପୁର ଥାନା ଅନ୍ତର୍ଗତ ବନମାଳୀପୁଟ ପଞ୍ଚାୟତ ସଦର ଗ୍ରାମରେ ସୌରଚାଳିତ ପାନୀୟଜଳ ପ୍ରକଳ୍ପ ଆଜକୁ ୨ ବର୍ଷ ହେବ ଅଚଳ ହୋଇ ପଡ଼ିଥିବାବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ବହୁବାର ଅଚଳ ପ୍ରକଳ୍ପର ମରାମତି ନେଇ କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି କରିଥିଲେ ମଧ ପ୍ରଶାସନ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରକଳ୍ପ ଅଚଳ ଯୋଗୁଁ ଗ୍ରାମବାସୀ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି।



ସୂଚିତ ଯେ, ଏହି ପାନୀୟଜଳ ପ୍ରକଳ୍ପ ଉପରେ ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ନିର୍ଭର କରୁଛନ୍ତି। ଏଥିସହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲ୍ ଛାତ୍ରଛାତ୍ରୀମାନେ ମଧ ଏହି ପାନୀୟଜଳ ପ୍ରକଳ୍ପ ଉପରେ ପାନୀୟଜଳ ପାଇଁ ନିର୍ଭର କରୁଛନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଜଳ ଅଭାବ ଗ୍ରାମ ପାଇଁ ଦୁଃଖ ଆଣିବ ବୋଲି ଗ୍ରାମବାସୀ କହିବା ସହ ବେଳ ଥାଉଣୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ବନମାଳୀପୁଟ ଗ୍ରାମରେ ଦେଖା ଦେଇଥିବା ପାନୀୟଜଳ ସମସ୍ୟା ଦୂର ହୋଇପାରିବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ତୁରନ୍ତ ଏ ଦିଗରେ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଇ ପ୍ରକଳ୍ପ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ରାୟଗଡ଼ା ଚାମ୍ପିଅନ

**ମୈଦଲପୁର,୧୫।୧(ସମିସ):** ସ୍ୱର୍ଗୀୟ କେ. କଲ୍ୟାଣୀ ପାତ୍ର ସ୍ମୃତି ଅବସରରେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ନୂଆକୋଟଠାରେ କେ. କଲ୍ୟାଣୀ ପାତ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ରାୟଗଡ଼ା ଚାମ୍ପିଅନ ହୋଇଛି। ଫାଇନାଲ୍ ମ୍ୟାଚ୍ ରାୟଗଡ଼ା ଓ ସୂର୍ଯ୍ୟା-୧୧ ମଧ୍ୟରେ ଖେଳାଯାଇଥିଲା। ରାୟଗଡ଼ା ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୯୯ ରନ୍ କରିଥିଲା। ଏହାର ଜବାବରେ ସୂର୍ଯ୍ୟା-୧୧ ସମସ୍ତ ୱିକେଟ ହରାଇ ୧୨୦ ରନ୍ କରିଥିଲା। ଏହି ମ୍ୟାଚକୁ ରାୟଗଡ଼ା ୮୦ ରନରେ ଜିତିଥିଲା। ଏହି ମ୍ୟାଚରେ ସୂର୍ଯ୍ୟା-୧୧ ପଟରୁ ଖେଳୁଥିବା ରାଜସ୍ଥାନର ଆଇପିଏଲ୍ ଖେଳାଳି କାମରାନ ଖାନ ବିବାଦୀୟ ଆଉଟ ହେବା ପରେ ଦର୍ଶକ ଅସନ୍ତୁଷ୍ଟ ହୋଇଥିଲେ। ସେଥିପାଇଁ କିଛି ସମୟ ପାଇଁ ଖେଳ ବନ୍ଦ ରହିଥିଲା। ବିଜେତା ଟିମକୁ ୯୯ ହଜାର ୯୯୯ ଟଙ୍କାର ଚେକ୍ ସହ ଟ୍ରଫି ଓ ରନର୍ସ ଅପ୍ ଟିମକୁ ୬୬ ହଜାର ୬୬୬ ଟଙ୍କା ଏବଂ ମ୍ୟାନ୍ ଅଫ୍ ଦି ସିରିଜ ବିଜେତାଙ୍କୁ ୧୧ ହଜାର ୧୧୧ ଟଙ୍କା ପୁରସ୍କୃତ କରାଯାଇଥିଲା। ଏଲ୍ ସନ୍ତୋଷ ପାତ୍ର ଓ ଉମେଶ ଜାଲ୍ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ରୂପେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମୋତିରାମ ନାୟକ, ସୁଶାନ୍ତ ବେହେରା, ତ୍ରିନାଥ ଅମାନତ୍ୟ, କେ. ଶ୍ୟାମବାବୁ ପାତ୍ର, ଶରଶ ଚନ୍ଦ୍ର ଜାଲ୍, ଡମ୍ବୁ ପ୍ରଧାନ, କୁଶ ଗୌଡ଼, ସରପଞ୍ଚ ଲକ୍ଷ୍ମନାଥ ମାଝି, ଲଛମନ ମାଝୀ, କ୍ଷୀରୋଦ ମିର୍ଗାନ୍, ଉପେନ୍ଦ୍ର ଗରଡ଼ା, ଜିତେନ୍ ମିର୍ଗାନ୍, ସୁଧାଂଶୁ ବିଷୋୟୀ, ଲୋଙ୍କେଶ ଗୌଡ଼, ନୀଳକଣ୍ଠ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।



## ବ୍ରାହ୍ମଣ ସମାଜର ମକର ମିଳନ; 'ବ୍ରହ୍ମନାଦ' ଉନ୍ମୋଚିତ

**ଗୁଣପୁର,୧୫।୧(ସମିସ):** ସ୍ଥାନୀୟ ପୁରୁଣା ଗୁଣୁପୁର ନିକଟସ୍ଥ ବିଦ୍ୟାନିକେତନ ସ୍କୁଲ ପଡ଼ିଆଠାରେ ଗୁଣୁପୁର ବ୍ରାହ୍ମଣ ସମାଜର ବାର୍ଷିକ ନଗର ସମ୍ମିଳନୀରେ ମକର ମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପତିତପାବନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମନାଦ ନାମକ ଏକ ସ୍ମରଣିକା



ଉନ୍ମୋଚନ ହୋଇଛି। ଏହି ଅବସରରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଅସହାୟ ବ୍ରାହ୍ମଣ ପରିବାରର ଆବଶ୍ୟକ ସ୍ଥଳେ ଅସ୍ଥି ବିସର୍ଜନ ଦାୟିତ୍ୱ ନେବା, ଚାରାରୋପଣ କରିବା ଭଳି କେତେକ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ପ୍ରସ୍ତାବ ଆସିଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାମୂହିକ ପ୍ରସାଦସେବନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନରସିଂହ ଶତପଥୀ, ଡ. ପ୍ରଶାନ୍ତ ହୋତା, ତିରୁପତି ରଥ, ତିରୁପତି ମହାନ୍ତି, କୃଷ୍ଣ ପ୍ରସାଦ ମିଶ୍ର, ଉମା ଶଙ୍କର ଦାସ, ଅଜିତ ପଣ୍ଡା, ପଞ୍ଚା ପଣ୍ଡା, ଗୁପ୍ତ ରଥ, ମୁନା ପାଢ଼ୀ, ଗଣେଶ୍ୱର ଶତପଥୀ, ଦୁର୍ଗା ପାଣିଗ୍ରାହୀ, ଶ୍ରୀନିବାସ ଖାଡ଼ଙ୍ଗା, ଗୌରୀ ଦାସ, ମିଲି ପାଢ଼ୀ, ସଦାନନ୍ଦ ପଣ୍ଡା, ତିରୁପତି ପଣ୍ଡା, ରାମ ପଣ୍ଡା, ସୂର୍ଯ୍ୟ ରଥ, ନୀଳମାଧବ ପାଢ଼ୀ, ସହଦେବ ରଥ, ଗଣେଶ ରଥ, ଗଣେଶ ରଥଙ୍କ ସମେତ ବହୁ ବ୍ୟକ୍ତିଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶେଷରେ ଆଇନଜୀବୀ ଇନ୍ଦ୍ରାକ୍ଷୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଶ୍ରୀ ବୁଢ଼ା ଅମନିତ ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ନଙ୍ଗଲଦୋରା ଚାମ୍ପିଅନ

**ଡାବୁଗାଁ,୧୫।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ବୋରିଗାଁ ଖେଳପଡ଼ିଆରେ ୪ ଦିନିଆ ଶ୍ରୀଶ୍ରୀ ବୁଢ଼ା ଅମନିତ ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ନଙ୍ଗଲଦୋରା ଦଳ ସହ ଝାଲିଆଗୁଡ଼ା ମ୍ୟାଚ୍ ହୋଇଥିଲା। ଏଥିରେ ୧୪-୭ ପଏଣ୍ଟରେ ନଙ୍ଗଲଦୋରା ଦଳ ଚାମ୍ପିଅନ ହୋଇଛି।



ଏଥିରେ ରେଫରି ଭାବେ ନବୀନ ସାହୁ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳକୁ ୭ ହଜାର ଟଙ୍କା ସହ କପ୍ ଓ ପରାଜିତ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ମୁଖ୍ୟ ଅତିଥି ବିଧାୟକ ମନୋହର ରନ୍ଧାରୀ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତରା, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବୋରିଗାଁ ପଞ୍ଚାୟତ ବିଜେଡି ସଭାପତି ଲଇଖନ ପନକା, ଲଛମିଧର ପନକା, ଜୟନ୍ତୀ ପନକା, କମିଟିର ଈଶ୍ୱର ପନକା, ରଞ୍ଜିତ ପନକା, ଯୁଧିଷ୍ଠିର ପନକା, ସୁବାସ ପନକା, ମହେଶ ପନକା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

● ରାଇପାହାଡ଼ ଗ୍ରାମରେ ତ୍ୱରାନ୍ୱିତ ହେଉଛି ବିକାଶ କାର୍ଯ୍ୟ

## ବିଜୁ ପକ୍କା ଘର ପରେ ବିଦ୍ୟୁତ୍ ସଂଯୋଗ ପ୍ରକ୍ରିୟା ଆରମ୍ଭ

**ନନ୍ଦପୁର,୧୫।୧(ସମିସ):** ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗୋଲୁରୁ ଗ୍ରାମ ପଞ୍ଚାୟତର ରାଇପାହାଡ଼ ଗ୍ରାମରେ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ୧୩ ପରିବାରଙ୍କୁ ବିଜୁ ପକ୍କା ଘର ପ୍ରଦାନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପଞ୍ଜୀକରଣ ଶେଷ ହୋଇଛି। ଏବେ ରାଇପାହାଡ଼ ଗ୍ରାମବାସୀଙ୍କ ପାଇଁ ଆଲୋକ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିବା ନଜରକୁ ଆସିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଗ୍ରାମ ବିଦ୍ୟୁତ୍ ସଂଯୋଗ ନିମନ୍ତେ କାର୍ଯ୍ୟ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ତେବେ ଗୋଲୁରୁ ଗ୍ରାମ ପଞ୍ଚାୟତର ଡୁମୁରିଗୁଡ଼ା ଗ୍ରାମଠାରୁ ବିଦ୍ୟୁତ୍ ଖୁଣ୍ଟ ଆସି ପହଞ୍ଚିଥିବା ନେଇ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ବିକାଶ ଚୌଧୁରୀ ସୂଚନା ଦେଇଛନ୍ତି। ବିଦ୍ୟୁତ୍ ଖୁଣ୍ଟ ପହଞ୍ଚିବା ପରେ ଏବେ ରାଇପାହାଡ଼କୁ ବିଦ୍ୟୁତ ସଂଯୋଗ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ରାଇପାହାଡ଼ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି।



ପ୍ରକାଶ ଥାଉ କି, ରାଇପାହାଡ଼ ଗ୍ରାମ ଉପରେ ଆନ୍ଧ୍ରପ୍ରଦେଶ ଲୋଲୁପ ଦୃଷ୍ଟି ପକାଇବା ସହ ରାସନ, ପାନୀୟଜଳ ପ୍ରଦାନ ଆଳରେ ଜଙ୍ଗଲ ଜମି ହାତେଇବା ଆରମ୍ଭ କରିଥିବା ନଜରକୁ ଆସିଥିଲା। ଓଡ଼ିଶା ପ୍ରଶାସନ ପକ୍ଷରୁ ଦୃଢ଼ତାର ସହ ଆନ୍ଧ୍ର ସହିତ ଆଲୋଚନା ପରେ ରାଇପାହାଡ଼ ଗ୍ରାମ ଉପରୁ ଆନ୍ଧ୍ର ନଜର ହଟେଇଥିଲା। ତେବେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ ବଦଳରେ ରାଜ୍ୟ ସରକାର ଗ୍ରାମର ୧୩ ପରିବାରକୁ ବିଜୁ ପକ୍କା ଘର ଯୋଜନାରେ ଘର ଦେବାକୁ ଘୋଷଣା କରିବା ସହ ପ୍ରକ୍ରିୟା ଶେଷ ହୋଇଛି।

## ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଦାମନଯୋଡ଼ି,୧୫।୧(ସମିସ):** ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର ନାଲକୋ ଟାଉନସିପ୍ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ସକାଳ ୯ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ପରିଚାଳନା ସମିତିର କର୍ମକର୍ତ୍ତା, ସଦସ୍ୟ, ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ ଓ ଘରୋଇ ସୁରକ୍ଷାକର୍ମୀ ଉପସ୍ଥିତ ରହି ମନ୍ଦିର ପରିସରକୁ ସ୍ୱଚ୍ଛ, ନିର୍ମଳ ତଥା ପବିତ୍ର ବାତାବରଣ ପାଇଁ ସଂକଳ୍ପ ନେଇ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଲକୋ ସମୂହ ମହାପ୍ରବନ୍ଧକ ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ସାମଲ, ସମ୍ପାଦକ ରାଜେନ୍ଦ୍ର ମିଶ୍ର, ନାଲକୋ ପ୍ରଶାସନ ବିଭାଗ ମହାପ୍ରବନ୍ଧକ ସରୋଜ କୁମାର ନାଥ, ଶ୍ରୀଜଗନ୍ନାଥ ମନ୍ଦିର କମିଟିର ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ସେନାପତିଙ୍କ ସହିତ ସଦସ୍ୟ ତ୍ରିଲୋଚନ ଚୌଧୁରୀ, ପି.କେ ମୁନୀ, ଅନାମ ଚରଣ ନାୟକ, ଡ.ପ୍ରଦୀପ କୁମାର ପାଟଯୋଶୀ, ପ୍ରଦୋଷ ଆଚାର୍ଯ୍ୟ, ପୀତାମ୍ବର ସାହୁ, ଡ. ଅଶୋକ କୁମାର ମହାନ୍ତି, ସୁଶାନ୍ତ ଦାଶ, ଡ. ନିରୋଦ କୁମାର ପ୍ରଧାନ, ଶୁଭ୍ରକାନ୍ତ ସାହୁ, କୈଳାସ ଚନ୍ଦ୍ର ମହାରଣା, ନକୁଳ ପତି, ତ୍ରୈଲୋକ୍ୟ ନାଥ ସାହୁ, ମୂରଲୀଧର ଦାସ, ଧନେଶ୍ୱର ମହାପାତ୍ର, ବିକ୍ରମ ଜେନା, ବୁଦ୍ଧଦେବ ଦେ, ଅରୁଣ ଓଝା, ଚୈତନ୍ୟ ହନ୍ତାଳ, ତେଜେଶ୍ୱର ପାତ୍ର, ବ୍ରହ୍ମାନନ୍ଦ ସାମଲ ପ୍ରମୁଖ ଥିଲେ। ସଭାପତି ସୁରେଶ ଚନ୍ଦ୍ର ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ଦିର ପୂଜକ ଅଜୟ ପଣ୍ଡା, ଅମୀୟ ସାମନ୍ତରାୟ ଓ ବଳରାମ ପାଣି ସହଯୋଗ କରିଥିଲେ।

## ଆଦିମ ଜନଜାତିଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ

**ବିଷମ କଟକ, ୧୫।୧(ସମିସ):** ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟର ମହାଅଭିଯାନ ବହୁବିଧି ଯୋଜନା ସମ୍ବନ୍ଧୀୟ ଅଭିଭାଷଣ ରଖିଲେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସୋମବାର ପ୍ରଧାନମନ୍ତ୍ରୀ ଭିଡିଓ କନ୍ଫରେନ୍ସ ମାଧ୍ୟରେ ଦେଶର ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ପିଏମ୍ ଜନମନ ଯୋଜନାରେ ବିରଳ ଆଦିମ ଜାନଜାତିଙ୍କ ସହ ଭାବ ବିନିମୟ କଲେ ପ୍ରଧାନମନ୍ତ୍ରୀ। କେନ୍ଦ୍ର ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଯୋଜନା ସବୁ ଉପଲବ୍ଧ ହେଉଛି କି ନାହିଁ ପଚାରି ବୁଝିଥିଲେ। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ପଞ୍ଚାୟତର ଯାଜାବର ପାନ୍ଥନିବାସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଆଦିମ ଜନଜାତି ଡଙ୍ଗରିଆ ମହିଳା-ପୁରୁଷ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଶୁଣିଥିଲେ। ଏ ଅବସରରେ ରାୟଗଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ପ୍ରକଳ୍ପ ପ୍ରଶାସକ ରାୟଗଡ଼ା ଡ.ଦିଲ୍ଲୀପ ବେହେରା, ଗୁଣୁପୁର ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ଶୁଭପ୍ରଦା ସାସମଲ, ବ୍ଲକ୍ ଅଧକ୍ଷା ଯଶୋଦା ହୁଇକା, ମୁନିଗୁଡ଼ା ଅଧକ୍ଷା ଦୁଃଖିନୀ ନୁଣ୍ଡରୁକା, କୁର୍ଲ୍ଲୀ ସରପଞ୍ଚ ଶୁଭର୍ଦ୍ଧନି ୱାଡାକା, କଲ୍ୟାଣ ସିଂହପୁର ବ୍ଲକ୍ ଅଧକ୍ଷା, ଜନଜାତି ସମ୍ପ୍ରଦାୟ ବସବାସ କରୁଥିବା ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ମାନେ ଉପସ୍ଥିତ ଥିଲେ। ଶେଷରେ ଜନଜାତି ହିତାଧିକାରୀମାନଙ୍କୁ ଜମିପଟ୍ଟା, ଭିଡିସି ମହିଳା ଗୋଷ୍ଠୀମାନଙ୍କୁ ବ୍ୟବସାୟ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଜଗତ ଜୀବନ ବଗର୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତିକରଣ ସଂସ୍ଥାର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ଏବଂ ତାଙ୍କ ସହକର୍ମୀମାନେ ସହଯୋଗ କରିଥିଲେ।



## ପୁଷପୁନି ଉତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ

# ୭ ଦିନ ଧରି ଚାଲିବ ଆଦିବାସୀଙ୍କ ପାରମ୍ପରିକ କାର୍ଯ୍ୟକ୍ରମ

**ଜୟପୁର,୧୫।୧(ସମିସ)**

କୋରାପୁଟିଆ କଳାକାରଙ୍କ ପକ୍ଷରୁ ଆସନ୍ତା ପୁଷପୁନି ପର୍ବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଜୟପୁର ସ୍ଥିତ ଗୀତାଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ପାଳନ କମିଟିର ଆବାହକ ଧିରେନ ମୋହନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗୀତାଭବନଠାରେ ଆୟୋଜିତ ବୈଠକରେ ଚଳିତ ବର୍ଷ ପୁଷପୁନି ଆସନ୍ତା ୭ ଦିନ ଧରି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା। ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ପୁଷପୁନି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅବିଭକ୍ତ କୋରାପୁଟ ଜିଲ୍ଲାର କଳାକାରଙ୍କୁ ନେଇ ଏକ ଶୋଭାଯାତ୍ରା



ଅନୁଷ୍ଠିତ ହେବ। ଏଥିରେ କଳାକାରମାନେ ବିଭିନ୍ନ ଆଦିବାସୀ ପାରମ୍ପରିକ ବେଶଭୂଷା ସହ ପୌରାଣିକ ଚରିତ୍ରର ବେଶର ସାଜସଜ୍ଜା ହୋଇ ଶୋଭାଯାତ୍ରାରେ ସାମିଲ୍ ହେବେ। ଏହି ଶୋଭାଯାତ୍ରା ବାଙ୍କ ମଠରୁ ବାହାରି ରଥପଡ଼ିଆ ଛକ, ଲାଲସାହି ଦେଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବ। ଦ୍ୱିତୀୟ ଦିବସରେ ଆଦିବାସୀ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରିବେ। ତୃତୀୟ ଦିବସରେ ଆଦିବାସୀ ଦଳଗତ ନୃତ୍ୟ, ଚତୁର୍ଥ ଦିବସରେ ପାରମ୍ପରିକ ଆଦିବାସୀ ବେଶ ପୋଷାକରେ ଫେସନ ସୋ' ପ୍ରତିଯୋଗିତା, ପଞ୍ଚମ ଦିବସରେ ହାସ୍ୟାରସାତ୍ମକ ଦେଶିଆ ନାଟକ, ଷଷ୍ଠ ଦିବସରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ନିମନ୍ତ୍ରିତ ଆଦିବାସୀ ଦଳ ନୃତ୍ୟ ପରିବେଷଣ ଏବଂ ଅନ୍ତିମ ଦିବସରେ ପୁରସ୍କାର ବିତରଣୀ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ କାଳାକରା ହିମାଂଶୁ ମହାପାତ୍ର, ମନୋଜ ପାତ୍ର, ପୀୟୂଷ ପଟ୍ଟନାୟକ, ଶ୍ରୀକାନ୍ତ ଦାଶ, ଜୟନ୍ତ ଦାଶ, ରାମନାଥ ତ୍ରିପାଠୀ, ରଶ୍ମି ସାଗର, ମହମ୍ମଦ ସରିଫ, ସୁରେଶ ହୋତା, ନିରଞ୍ଜନ ପାଣିଗ୍ରାହୀ, ଗୁପ୍ତପ୍ରସାଦ ପାଣିଗ୍ରାହୀ, ଜୟନ୍ତ ସାନ୍ତ୍ରା, ଅମର ମିଶ୍ର, କମଳାକାନ୍ତ ରଥ, ସିଦ୍ଧାର୍ଥ ପାତ୍ର, ଅଶୋକ ଜେନା, ମୁରଲୀ ପଟ୍ଟନାୟକ, ଧନରାଜ ଖୋସଲା, କାଳୀଚରଣ ଦାଶଶର୍ମା, ନୃସିଂହ ପ୍ରସାଦ ଷଡ଼ଙ୍ଗୀ, ଗୋପାଳକୃଷ୍ଣ ସାମନ୍ତରାୟ, ଅସ୍ମିତା ଷଡ଼ଙ୍ଗୀ, ସସ୍ମିତା ରଥ, ଅନିତା ମିଶ୍ର, ପ୍ରଜ୍ଞା ପଣ୍ଡା, ସ୍ୱାତୀ ହୋତା ପ୍ରମୁଖଙ୍କ ସହ ୬୦ରୁ ଉର୍ଦ୍ଧ୍ୱ କଳାକାର ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା ତଥ୍ୟ

# କୋରାପୁଟର ପାରମ୍ପରିକ ସୁଆଁ ପ୍ରଜାତି ଅଧିକ ପୁଷ୍ଟିକର



**କୋରାପୁଟ,୧୫।୧(ସମିସ):** ଅବିଭକ୍ତ କୋରାପୁଟ ଜିଲ୍ଲାର ଜନଜାତିମାନେ ଚାଷ କରୁଥିବା ପାରମ୍ପରିକ ସୁଆଁ ମଧ୍ୟରୁ ଅଧିକ ପୁଷ୍ଟିକର ସୁଆଁ ପ୍ରଜାତି ବୋଲି ଚିହ୍ନଟ କରିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ବଳ ବିଭାଗର ଗବେଷକ ସହକାରୀ ପ୍ରଫେସର ଡ. ଦେବବ୍ରତ ପଣ୍ଡା। ସେ ତାଙ୍କ ସହଯୋଗୀଙ୍କ ସହ ମିଶି କୋରାପୁଟର ବିଭିନ୍ନ ଦେଶୀ ସୁଆଁର ଗୁଣାତ୍ମକ ମାନ ଉପରେ ଗବେଷଣା କରି ଏହି ତଥ୍ୟ ଦର୍ଶାଇଛନ୍ତି।

ଉକ୍ତ ଗବେଷଣାରୁ ଜଣାପଡ଼ିଛି ଯେ, ତିନି ପ୍ରକାର ପାରମ୍ପରିକ ସୁଆଁ ଯଥା- ମାମି ସୁଆଁ, କଳା ସୁଆଁ, ବଡ଼ସୁଆଁରେ ଅନ୍ୟସୁଆଁ ପ୍ରଜାତିଠାରୁ ଅଧିକ ପରିମାଣରେ ପୋଷାକତତ୍ତ୍ୱ ଭରି ରହିଛି। ଯାହାକି ଏହି ଦେଶୀ ସୁଆଁରେ ଅଧିକ ପ୍ରୋଟିନ, ଫାଇବର, ଭିଟାମିନ, ଆଣ୍ଟିଅକ୍ସାଇଡେଣ୍ଟ, ମିନେରାଲସ ରହିଛି। ଏହାର ଗୁଣାତ୍ମକ ହାଇବ୍ରିଡ ଭେରାଇଟି ଓ ଲମ-୨୦୮ ରୁ ଅଧିକ। ପୂର୍ବତଟ ମାଳଭୂମିର କୋରାପୁଟରେ ଆଦିମ ଜନଜାତି ଚାଷ କରୁଥିବା ୧୪ ପ୍ରକାରର ଦେଶୀ ସୁଆଁର ଗୁଣାତ୍ମକମାନର ଗବେଷଣାକୁ ଅନ୍ତର୍ଜାତୀୟ ଜର୍ଣ୍ଣାଲ ପ୍ଲାଣ୍ଟରେ ଜାନୁଆରୀ ୧୩ରେ ତାଙ୍କ ଛାତ୍ରୀ ପ୍ରମିଳା ମୁନି, ଅଲୌକିକା ପଣ୍ଡା ଓ ସ୍ୱାମୀନାଥନ ଫାଉଣ୍ଡେସନର ବୈଜ୍ଞାନିକ ଡ. କାର୍ତ୍ତିକ ଲେଙ୍କା ଓ ପ୍ରଶାନ୍ତ ପରିଡ଼ାଙ୍କ ସହ ମିଶି ପ୍ରକାଶ କରିଛନ୍ତି। ଏହି ସଫଳ ଗବେଷଣା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ଜୈବ ବିବିଧତା ଓ ପ୍ରାକୃତିକ ସମ୍ବଳ ସଂରକ୍ଷଣ ବିଭାଗର ମୁଖ୍ୟ ପ୍ରଫେସର ଶରତ କୁମାର ପଲୀତା ଉଚ୍ଚ ପ୍ରଶଂସା କରିଛନ୍ତି ଓ ଆଗାମୀ ଦିନରେ ଅଧିକ ମିଲେଟ ଗବେଷଣା କରିବା ପାଇଁ ପ୍ରୋତ୍ସାହିତ କରିଛନ୍ତି। ଏହି ଦେଶୀ ସୁଆଁର ଗୁଣସୂତ୍ରକୁ ପରୀକ୍ଷା କରି ଆଗାମୀ ଦିନରେ ନୂତନ ଗୁଣାତ୍ମକ ସୁଆଁ ତିଆରି କରାଯାଇପାରିବ ବୋଲି କହିଛନ୍ତି ଡ. ପଣ୍ଡା। ଏହି ବିରଳ ସୁଆଁକୁ ପ୍ରଚାରପ୍ରସାର ଓ ସଂରକ୍ଷଣ କରାଗଲେ ଏହା ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ଦେବା ସହିତ ଆଦିବାସୀଙ୍କର ଆର୍ଥିକ ଉନ୍ନତି ସହିତ ଏହା କୋରାପୁଟକୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବ ବୋଲି ଅଶାବ୍ୟକ୍ତ କରିଛନ୍ତି।

## ଆଶାକର୍ମୀଙ୍କ ୧୦ ଦଫା ଦାବିପତ୍ର

**ପାପଡ଼ାହାଣ୍ଡି, ୧୫।୧(ସମିସ):** ନବରଙ୍ଗପୁର ଜିଲ୍ଲା ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ୍ ସଦର ଶିବମନ୍ଦିର ପରିସରଠାରେ ଆଶା କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ପାପଡ଼ାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଗ୍ରାମାଞ୍ଚଳର ମା' ଓ ଶିଶୁର ବିକାଶ ସହିତ ନିରାପଦ ମାତୃତ୍ୱ ଓ ସମସ୍ତ ମାଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଜନ୍ମ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ ଆଶା କର୍ମୀମାନେ ନିୟୋଜିତ ହୋଇ କାର୍ଯ୍ୟ କରି ଆସୁଛନ୍ତି। ଯାହାଫଳରେ ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଜନ୍ମ ଲାଭ କରିବାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ତାହା ସତ୍ତ୍ୱେ ଆଶାକର୍ମୀମାନେ, ଭାରତୀୟ ମଜଦୁର ସଂଘର ଜିଲ୍ଲା ଉପଦେଷ୍ଟା ପରମେଶ୍ୱର ବିଶୋୟୀ, ଟେମ୍ପୋରାରୀ ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଶୋୟୀ, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ଓ ସଭାନେତ୍ରୀ ଗୀତାଞ୍ଜଳି ହରିଜନ ଆଶାକର୍ମୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଉଦ୍‌ବୋଧନ ଦେଇଥିଲେ। ସଂଘ ତରଫରୁ ଏକ ୧୦ ଦଫା ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ଉଦ୍ଦେଶ୍ୟରେ ପାପଡ଼ାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯନ୍ତ୍ରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ବହୁ ଆଶା କର୍ମୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକ୍ ସଭାନେତ୍ରୀ କବିତା ସ୍ୱାଇଁ, ଉପସଭାନେତ୍ରୀ ଲୋତା ଭତରା, ମୁକ୍ତା ଭତରା, ସମ୍ପାଦିକା ସହିତ ପ୍ରମୁଖ ଆଶା କର୍ମୀ ଉପସ୍ଥିତ ରହିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରତିଷ୍ଠା ଦିବସ

**ନନ୍ଦପୁର,୧୫।୧(ସମିସ):** ଦେଶରେ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅନନ୍ୟ ଓ ଶ୍ରେଷ୍ଠ ବୋଲି କହିବା ସହ ଶିଶୁ ବିଦ୍ୟାମନ୍ଦିର ନୈତିକତା ଶିକ୍ଷାର ଭଣ୍ଡାର ବୋଲି କହିଛନ୍ତି ବିଦ୍ୟାମନ୍ଦିରର ପୂର୍ବତନ ପରିଚାଳନା ସଭାପତି ଏନ୍ ପ୍ରସାଦ ଦାସ। ସୋମବାର ଅନୁଷ୍ଠିତ ବିଦ୍ୟାମନ୍ଦିରର ୨୦ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଦ୍ୟାଳୟ ପରିଚାଳନା ସଭାପତି ଶ୍ରୀ ଦାସ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସଭାପତି ଦୁର୍ଯ୍ୟୋଧନ ଦଳପତି, ନରେନ୍ଦ୍ର କୁମାର ପାଙ୍ଗି, ଶକ୍ତି ପ୍ରସାଦ ପାତ୍ର, ପ୍ରଧାନଆଚାର୍ଯ୍ୟ କଳ୍ପନା ଦେବୀ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ନରେନ୍ଦ୍ର କୁମାର ପାଙ୍ଗିଙ୍କ ସମେତ ଅନ୍ୟାନ୍ୟ ଗୁରୁଜୀ ଗୁରୁମା' ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ମକରଚାଉଳ ଓ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା।

## ମାଳି ପର୍ବତ ସୁରକ୍ଷା ସମିତିର ଜନସମ୍ପର୍କ ଯାତ୍ରା

**ସେମିଳିଗୁଡ଼ା,୧୫।୧(ସମିସ):**

କୋରାପୁଟ ଜିଲ୍ଲାର ମାଳି ପର୍ବତ ସୁରକ୍ଷା ସମିତି ତରଫରୁ ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଯାତ୍ରା ୮ଟି ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ପହଞ୍ଚି ଜନସମ୍ପର୍କ ଯାତ୍ରା ମାଧ୍ୟମରେ ଲୋକଙ୍କୁ ଜମି, ଜଳ ଓ ଜଙ୍ଗଲ ବଞ୍ଚାଇବା ପାଇଁ ସଚେତନତା ସୃଷ୍ଟି କରୁଛି। ପାକଝୋଲା, ଦଳାଇ ଗୁଡ଼ା, କୁନ୍ଦିଲି, ଚରଙ୍ଗୁଲ, କାଣ୍ଟି, ଦୁଧାରି, ସାରିଶି ପଦର, ଖୁଡ଼ି ପଞ୍ଚାୟତର ଗ୍ରାମଗୁଡ଼ିକରେ ଚାଲୁଥିବା ଯାତ୍ରାରେ ଲୋକେ ଯୋଡ଼ି ହେବାକୁ ମାଳି ପର୍ବତ ସୁରକ୍ଷା ସମିତି ଦ୍ୱାରା ନିବେଦନ କରିଛନ୍ତି। କମ୍ପାନୀ ବର୍ତ୍ତମାନ ଏବେ ଗଛ ଲଗାଉଥିବାରୁ ତାହାକୁ ବିରୋଧ କରୁଥିବା ସୁରକ୍ଷା ସମିତି କହିଛି। ଏହି ଅଞ୍ଚଳରେ ଖଣି କମ୍ପାନୀ କରା ନଯିବା, ଏହି ଅଞ୍ଚଳରେ ପେସା ଆଇନ କାର୍ଯ୍ୟକାରୀ କରାଯାଉ, ୧୯୫୬ ରେଗୁଲେସନ ୨କୁ କାର୍ଯ୍ୟକାରୀ କରାଯିବା, ୨୦୦୬ ଜଙ୍ଗଲ, ଜମି ସ୍ୱୀକୃତି ଆଇନକୁ କାର୍ଯ୍ୟକାରୀ କରାଯିବା, ୨୦୨୩ ଜଙ୍ଗଲ ଆଇନ ସଂଶୋଧନ ଆଇନକୁ ପ୍ରତ୍ୟାହାର କରାଯିବା ନେଇ ଦାବି କରିବା ସହ ଯାତ୍ରା ଦ୍ୱାରା ମାଳି ପର୍ବତ ସୁରକ୍ଷା ସମିତି ଲୋକଙ୍କୁ ଏଦିଗରେ ସଚେତନତା ସୃଷ୍ଟି କରୁଛି। ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ ନେତୃତ୍ୱରେ ସମ୍ପାଦକ ନିରଞ୍ଜନ ଖିଲ, ଉପଦେଷ୍ଟା ଦାସୀ ନନ୍ଦୀବାଲି ଓ ବିଭିନ୍ନ ଆଦିବାସୀ ଅନୁଷ୍ଠାନ ନେତା ଯୋଗଦେଇଥିଲେ।

## ମୂକ ବଧିର ବିଦ୍ୟାଳୟକୁ ବିଭିନ୍ନ ସାମଗ୍ରୀ ପ୍ରଦାନ



**ସୁନାବେଡ଼ା,୧୫।୧(ସମିସ)**

ସେମିଳିଗୁଡ଼ା ଲାୟନ୍ସ କ୍ଲବ୍ ତରଫରୁ ସୁନାବେଡ଼ା ମୂକ ବଧିର ବିଦ୍ୟାଳୟକୁ ବିଭିନ୍ନ ସାମଗ୍ରୀ ପ୍ରଦାନ ସହ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ସେମିଳିଗୁଡ଼ା ଲାୟନ୍ସ କ୍ଲବ୍ ସଭାପତି ତଥା ବିଶିଷ୍ଟ ବ୍ୟବସାୟୀ ଓ ସମାଜସେବୀ ଆନନ୍ଦ ପାଟୱାନିଆ ଏହି ସମସ୍ତ ଉପକରଣ ଯୋଗାଇ ଦେବାସହ ବିଦ୍ୟାଳୟରେ ଏକ ଖେଳପଡ଼ିଆ ପ୍ରସ୍ତୁତ କରାଇଥିଲେ। ଛାତ୍ରଛାତ୍ରୀଙ୍କୁ କ୍ରିକେଟ୍ ଖେଳ କିଟ୍, ଫୁଟବଲ୍, ଭଲିବଲ, କମ୍ବଳ, ପ୍ରଦାନ ସହ ଶ୍ରୀ ପାଟୱାନିଆ ବିଶୁଦ୍ଧ ପାନୀୟଜଳ ପାଇଁ ଏକ ୱାଟର କୁଲର, ଇନଭର୍ଟର ଯୋଗାଇ ଦେଇଥିଲେ। ଜୟପୁରର ବ୍ୟବସାୟୀ ରାଜପାଲ ଖୁରାନା ଛାତ୍ରଛାତ୍ରୀଙ୍କୁ ଉଲ୍ ଟୋପି ପ୍ରଦାନ କରିଥିଲେ। ଅମ୍ବିକା ସୁଇଟ୍ସ ତରଫରୁ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଆନନ୍ଦ ପାଟୱାନିଆଙ୍କ ସହ ତାଙ୍କ ଧର୍ମପତ୍ନୀ, କ୍ଲବ୍ ମେମ୍ବର ସୁକାନ୍ତ ସାମଲ, ଅନନ୍ତ ସେନାପତି, ସ୍ନିଗ୍ଧାରାଣୀ ମିଶ୍ର, ମନୋଜ ପାତ୍ର, ସନତ ସାହୁ, ଅଲେଖ ସାବତ ପ୍ରମୁଖ ସହଯୋଗ କରିଥିଲେ। କୁନ୍ଦୁଲିସ୍ଥିତ ଆଦିମ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ମନୁଦେବ, ସମାଜସେବୀ ଜଳେନ୍ଦ୍ର ତ୍ରିପାଠୀ, ପିତାମ୍ବର ସାହୁ, ଅନିଲ ଦେଉଳପାଡ଼ିଆ, ବିଦ୍ୟାଳୟର ପ୍ରଧାନଶିକ୍ଷକ କେଳୁଚରଣ ମହାନ୍ତି, ଶିକ୍ଷକ ଚିନ୍ତାମଣି ପ୍ରଧାନ, ବ୍ରଜବନ୍ଧୁ ସାହୁ, ସଞ୍ଜୟ କୁମାର ମିଶ୍ର ଉପସ୍ଥିତ ଥିଲେ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୈପାରୀଗୁଡ଼ା,୧୫।୧(ସମିସ):** ବୈପାରୀଗୁଡ଼ା ଥାନା କୁନ୍ଦୁରା ବ୍ଲକ୍ ଘସର୍ଡ ଗାଁ ନିକଟ ଏକ ଗଛରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀ ଜଣକ ହେଲେ ଗୌରୀ ମାଝୀ(୧୯) । ସୋମବାର ସକାଳେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେବା ସହ ବୈପାରୀଗୁଡ଼ା ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ମୃତ ଗୌରୀଙ୍କ ବାପା-ମାଆଙ୍କର ମୃତ୍ୟୁ ହୋଇସାରିଛି। ତିନି ଭଉଣୀ ଓ ଭାଇ ଗୋଟିଏ ସ୍ଥାନରେ ରହୁଥିବାବେଳେ ଆଜକୁ ୧ ବର୍ଷ ହେବ ମଝିଆ ଭଉଣୀ ଗୌରୀ ଜୟପୁରଠାରେ ଜଣକ ଘରେ ରହି କାମ କରୁଥିଲେ। ଦୁଇଦିନ ତଳେ ଘରକୁ ଆସିଥିବାବେଳେ ତାଙ୍କର ମୃତଦେହ ଝୁଲନ୍ତା ଅବସ୍ଥାରେ ଗାଁ ପାଖ ଏକ ଗଛରୁ ଉଦ୍ଧାର କରାଯାଇଛି। ତାଙ୍କ ଭାଇ ଓ ସ୍ଥାନୀୟ ନାଏବ ସରପଞ୍ଚ ଓ ସମିତିସଭ୍ୟା ଏହି ଘଟଣାର ପର୍ଦ୍ଦାଫାଶ କରିବା ସହ ଅଭିଯୁକ୍ତଙ୍କୁ ଖୋଜି ତା' ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁଲିସ ନିକଟରେ ଦାବି କରାଯାଇଛି। ବୈପାରୀଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ସାରିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ନବୋଦୟ ବିଦ୍ୟାଳୟରେ ଭାଷା ପ୍ରଦର୍ଶନୀ ମେଳା

**ତେନ୍ତୁଳିଖୁଣ୍ଟି, ୧୫।୧(ସମିସ)**

ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ନବୋଦୟ ବିଦ୍ୟାଳୟରେ ଏକ ଭାଷା ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ, ଓଡ଼ିଆ ଓ ହିନ୍ଦୀ ଭାଷାକୁ ନେଇ ଏହି ଭାଷା କଳା ଏକୀକରଣ ପ୍ରଦର୍ଶନୀ ହୋଇଥିଲା। ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, କଳା ପ୍ରବୀଣତା, ବ୍ୟାକରଣ ସହ ପଦ୍ୟ, ଗଦ୍ୟ ଆଦିକୁ ସରଳ, ସୁନ୍ଦର ଓ କଳାତ୍ମକ ଅଭିବ୍ୟକ୍ତି ମାଧ୍ୟମରେ ପରିବେଷଣ ଉପସ୍ଥିତ ସମସ୍ତଙ୍କୁ ଆକର୍ଷିତ କରିଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସହଦେବ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ଭାଷା ଶିକ୍ଷୟିତ୍ରୀ ମମତା ପାତ୍ର, ଅଙ୍କିତା ତ୍ରିପାଠୀ, ହିନ୍ଦୀ ଶିକ୍ଷକ ବିବେକ ଚୌରାସିୟା, ଶିକ୍ଷକ ଅଜୟ ଯାଦବ, ଶିକ୍ଷୟିତ୍ରୀ ମନୀଷା ଯାଦବ, ଇଂରାଜୀ ଶିକ୍ଷକ ଅନ୍‌ମୋଲ ଯୋଶେଫ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅନ୍ୟତମ ସହଯୋଗୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆସ୍ଥା ଶର୍ମା, ମେହେକ ମେହେଲା, ରିଙ୍କି ରାଠୀ, ଦୀପ୍ତି ଶ୍ରୀବାସ୍ତବ, ବୀଣାଶ୍ରୀ ଉପାଧ୍ୟାୟ, ସୁଧୀର କୁମାର, ଲିନୁ ମେହେର, ସଞ୍ଜୟ ବେହେରା, ସିଦ୍ଧାର୍ଥ ରଥ, ଅନୁପ ସିଂ ତୋମର, ଗୌରବ ଯାଦବଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ଜୟପୁର ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟଙ୍କ ଭାଇଚାରାର ସହର'



**ଜୟପୁର,୧୫।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରର ନାରାୟଣୀ କନିଷ୍ଠ ମହାବିଦ୍ୟାଳୟ ପରିସରରେ ପୋଙ୍ଗଲ ଏବଂ ମକର ସଂକ୍ରାନ୍ତି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମର ସମସ୍ତଙ୍କ ପୋଙ୍ଗଲ ଏବଂ ମକର ସଂକ୍ରାନ୍ତିର ଅଭିନନ୍ଦନ ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦିକା ମିନାକ୍ଷୀ ବାହିନୀପତି ଯୋଗଦେଇଥିଲେ। ଏହାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହାଇଦରାବାଦର ତେଲୁଗୁ ସିନେମାର ପ୍ରସିଦ୍ଧ ହାସ୍ୟ କଳାକାର ଆଲ୍ଲୀ, ତେଲୁଗୁ ଗାୟିକା ମୋହିନୀ ବାଙ୍ଗାରାଜୁ, ଅନୁସ୍କା ତେଲୁଗୁ ଏବଂ ହିନ୍ଦୀ ସିନେମାର ଗୀତ ପରିବେଷଣ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମକୁ ତେଲୁଗୁ ସିନେ ଉଦଘୋଷିକା ବୈଶାଳୀ ପରିଚାଳନା କରିଥିଲେ। ବିଶାଖପାଟଣାର ମ୍ୟୁଜିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ ଶୋଭାଯାତ୍ରା

**ଜୟପୁର,୧୫।୧ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଶିଖ୍ ସମ୍ପ୍ରଦାୟ ପକ୍ଷରୁ ୧୦ମ ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ ଶୋଭାଯାତ୍ରା ସୋମବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି। ଏଥିରେ ସମ୍ପ୍ରଦାୟର ଶତାଧିକ ପୁରୁଷ ଓ ମହିଳାମାନେ ଗୁରୁଜୀଙ୍କ ଫଟୋଚିତ୍ର ଏବଂ ଖାଲସାର ସଦସ୍ୟମାନେ ହାତରେ ଖଣ୍ଡା ଧରି କୀର୍ତ୍ତନ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ଗୁରୁଦ୍ୱାର ପରିଚାଳନା ସଭାପତି ତଥା କାଉନସିଲର ଯଶପାଲ ସିଂ ଭୋଗଲ, ସର୍ଦ୍ଦାର କରମ ସିଂ, ରାଜପାଲ ଖୁରାନା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଅବସରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ବ୍ଲକ୍ ଉପାଧ୍ୟକ୍ଷ ଗଣେଷ ପ୍ରସାଦ ପାଢୀ, ବିଜେପି ନେତା ହିମାଂଶୁ ମହାପାତ୍ର, ଗୌତମ ସାମନ୍ତରାୟଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।



## ୪ କୋଟିର ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



**କୋରାପୁଟ,୧୫।୧(ସମିସ):** ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ଦ୍ୱାରା କୋରାପୁଟ ବ୍ଲକ୍ ମସ୍ତିପୁଟ ପଞ୍ଚାୟତର ବାସୁପୁଟ-ହିରିଡିପୁଟ ରାସ୍ତା ନିମନ୍ତେ ଭିତ୍ତିପ୍ରସ୍ତର କରାଯାଇଛି। ୪ କୋଟି ଟଙ୍କାରେ ଏହି ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ହିରିଡ଼ିପୁଟ ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ ବୋଲି ସାଧାରଣରେ ପ୍ରତିକ୍ରିୟା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବ୍ଲକ୍ ଅଧ୍ୟକ୍ଷା ନମିତା ମାଝି, ବିଧାୟକ ପ୍ରତିନିଧି ତଥା କୋରାପୁଟ ବ୍ଲକ୍ ବିଜେଡି ସଭାପତି ମଣ୍ଟୁ ବେନ୍ୟା, କୋରାପୁଟ ସାଂସଦ ପ୍ରତିନିଧି ବାବୁଲା ବେନ୍ୟା, ବିଜେଡି ନେତା ରଘୁ ନାୟକ, ଲଛମନ ମୁଦୁଲି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଇଆଇଏମ୍‌ଏର ଦକ୍ଷତା ବିକାଶ ତାଲିମ ଶିବିରରେ ଯୋଗଦେବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା



**କୋରାପୁଟ,୧୫।୧(ସମିସ):** ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଏଣ୍ଡ ମ୍ୟାନେଜମେଣ୍ଟ (ଆଇଆଇଏମଏ) ଅହମଦାବାଦରେ ନେତୃତ୍ୱ ଓ ପରିଚାଳନା ଦକ୍ଷତା ବୃଦ୍ଧି ପାଇଁ ଆୟୋଜିତ ପାଞ୍ଚ ଦିନିଆ ତାଲିମ ଶିବରରେ ଯୋଗଦେବାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଅହମ୍ମଦାବାଦ ଗସ୍ତ କରିଛନ୍ତି। ଭାରତ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଆଇଆଇଏମଏ ନୂଆ କ୍ୟାମ୍ପସର ଜେଏସଡବ୍ଲ୍ୟୁ ସ୍କୁଲ ଅଫ ପବ୍ଲିକ ପଲିସି ହଲରେ ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ର ପଞ୍ଚାୟତିରାଜ ବିଭାଗ ରାଷ୍ଟ୍ରମନ୍ତ୍ରୀ କପିଲ ମୋରେଶ୍ୱର ପାଟିଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ବିଭାଗ ସଚିବ ବିବେକ ଭରଦ୍ୱାଜ୍, ଆଇଆଇଏମଏର ନିର୍ଦ୍ଦେଶକ ଭରତ ଭାସ୍କର, ବିଭାଗୀୟ ଯୁଗ୍ମ ସଚିବ ବିକାଶ ଆନନ୍ଦ, ଗୁଜୁରାଟ ସରକାରଙ୍କ ପଞ୍ଚାୟତରାଜ ବିଭାଗ ପ୍ରମୁଖ ଶାସନ ସଚିବ ମୋନା କାନ୍ଧାର ଏବଂ ଉନ୍ନୟନ କମିଶନର ସନ୍ଦୀପ କୁମାର ପ୍ରମୁଖ ଯୋଗଦେଇ ତାଲିମର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ତାଲିମ ଶିବିରରେ ଦେଶର ୬୦ ଜଣ ପ୍ରତିନିଧି ଅଂଶ ଗ୍ରହଣ କରିଥିବାବେଳେ ଓଡ଼ିଶାରୁ ୪ଜଣ ପ୍ରତିନିଧିତ୍ୱ କରୁଛନ୍ତି। କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକାଙ୍କ ବ୍ୟତୀତ ଦେବଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଗଜପତି ଜିଲ୍ଲା ଆର-ଉଦୟଗିରି ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ଏବଂ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପ୍ରଧାନ ପ୍ରମୁଖ ତାଲିମ ଶିବରରେ ଯୋଗ ଦେଇଛନ୍ତି। ଏଭଳି ତାଲିମ ପାଇବା ଦ୍ୱାରା ସେମାନେ ନିଜ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବା ସହ ଲୋକଙ୍କୁ ଉନ୍ନତମାନର ସେବା ଦେବାରେ ସକ୍ଷମ ହେବେ ବୋଲି ସସ୍ମିତା ମେଲେକା କହିଛନ୍ତି।



